

ଗର୍ଭବେଦନାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ଅରୁଣାଚଳପ୍ରଦେଶ ରାଜ୍ୟପାଳ ଅବସରପ୍ରାପ୍ତ ବ୍ରିଗେଡିୟର ବି.ଡି. ମିଶ୍ର ନିଜ ହେଲିକପ୍ଟରରେ ହସ୍ପିଟାଲ ନେଇ ମାନବିକତାର ନିଦର୍ଶନ ସୃଷ୍ଟି କରିଛନ୍ତି। ତେଜପୁରରେ ଇନ୍ଧନ ଭରିବା ବେଳେ ହେଲିକପ୍ଟରରେ ତ୍ରୁଟି ଦେଖାଦେବାରୁ ରାଜ୍ୟପାଳ ବାୟୁସେନା ହେଲିକପ୍ଟର ସହାୟତାରେ ଉକ୍ତ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ଇଟାନଗର ପଠାଇଥିଲେ ଏବଂ ସେଠାରୁ ହସ୍ପିଟାଲ ପର୍ଯ୍ୟନ୍ତ ଯିବା ଲାଗି ଆମ୍ବୁଲାନ୍ସର ବ୍ୟବସ୍ଥା ମଧ୍ୟ କରିଥିଲେ।

## କପିଳାସ ଜୁ'ରେ ଅବ୍ୟବସ୍ଥା ଜଳଜଳ

# ହାତୀଛୁଆ 'ରାଜା' ମୃତ

**ଢେଙ୍କାନାଳ ଅଫିସ, ୩୦।୧୧**

ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଅଣ୍ଡିରା ହାତୀଛୁଆ 'ରାଜା'ର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ହାତୀ ଶାବକ ୩ ଦିନ ହେଲା ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲା। ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆବଶ୍ୟକ ଚିକିତ୍ସା ଅଭାବରୁ ରାଜାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ଛେଣ୍ଡିପଦା ଅଞ୍ଚଳର ଜଙ୍ଗଲରୁ ୬ମାସ ତଳେ ରାଜାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଥମେ ତାକୁ ଅନୁଗୋଳ ଅଣାଯାଇଥିଲା। ୨୦୧୮ ମେ' ୧୪ରେ ହାତୀ ଛୁଆକୁ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିଲା। ହାତୀ ରେସ୍କ୍ୟୁ ସେଣ୍ଟରରେ ଥିବା ଉମା, କାର୍ତ୍ତିକ, ଚନ୍ଦୁ ପରେ ନୂଆ ଅତିଥି ସାଜିଥିଲା 'ରାଜା'। କେବଳ ଏତିକି ନୁହେଁ, 'ରାଜା' ପାଇଁ ସରକାର ମାସକୁ ଖର୍ଚ୍ଚ କରୁଥିଲେ ୬୫ହଜାର ଟଙ୍କା। ଏସବୁ ସତ୍ତ୍ୱେ ଚିକିତ୍ସା ଅଭାବରୁ ହାତୀଛୁଆ ପ୍ରାଣ ହରାଇବା ଚିଡ଼ିଆଖାନା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସୂଚନାପାଇ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ସୁଦର୍ଶନ ପାତ୍ର, ରେଞ୍ଜର ଦର୍ଶନିଆ ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚିଡ଼ିଆଖାନା ପରିସରରେ ଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଭୁବନେଶ୍ୱର ଓୟୁଏଟିରୁ ଆସିଥିବା ବିଶେଷଜ୍ଞ ଅଭିଷେକ ପାହାଳ, ଅଶୋକ କୁମାର ଦାସ, ବିଶ୍ୱରଞ୍ଜନ ସାହୁଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ରେଞ୍ଜର କୁହନ୍ତି, ହାତୀକୁ ଥଣ୍ଡାଜ୍ୱର ହୋଇଥିଲା। ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ଚିକିତ୍ସା ସୁବିଧା କରାଯାଇଥିଲା। ଶୁକ୍ରବାର ତାହାର ମୃତ୍ୟୁ ଘଟିଛି। ସେହିପରି ରିପୋର୍ଟ ମିଳିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ମନ୍ତ୍ରୀଙ୍କ ସଭାରେ ଅଣ୍ଡାମାଡ

**ସଇଁତଲା, ୩୦।୧୧(ଡି.ଏନ.ଏ.)**

### ବିଜେଡି ଜନସମ୍ପର୍କ ପଦଯାତ୍ରା

- ଚର୍ଚ୍ଚାରେ ବିଜେଡି ଗୋଷ୍ଠୀ କନ୍ଦଳ, ୩ ଅଟକ
- ଅଣ୍ଡା ମାଡକାରୀଙ୍କୁ ମନ୍ତ୍ରୀଙ୍କ ମାଡ଼ ମାରିବା ଉଦ୍ୟମ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ଶୁକ୍ରବାର ଅନୁଷ୍ଠିତ ବିଜେଡି ଜନସମ୍ପର୍କ ପଦଯାତ୍ରା ବେଳେ ମନ୍ତ୍ରୀଙ୍କ ସଭାରେ ଅଣ୍ଡାମାଡ କରାଯାଇଛି । ଏ ସଂକ୍ରାନ୍ତରେ ପୋଲିସ ଘଟଣାସ୍ଥଳରୁ ଜଣେ ଯୁବକଙ୍କୁ ଅଟକ ରଖିଛି । ଅଟକ ଯୁବକ ଜଣକ ବିଜେଡି କର୍ମୀ ଓ ଏହା ବିଜେଡି ଗୋଷ୍ଠୀ କନ୍ଦଳର ପ୍ରତିଫଳନ ବୋଲି ଚର୍ଚ୍ଚା ଜୋର ଧରିଛି । ଶୁକ୍ରବାର ପୂର୍ବାହ୍ନରେ ସଇଁତଲା ନବୀନ ଛକଠାରୁ ବୁଢ଼ାବାହାଲ ପଞ୍ଚାୟତର ରେମଣ୍ଡା ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ସଇଁତଲା ନବୀନ ଛକଠାରୁ ବାହାରି ସଇଁତଲାର ଅଧିଷ୍ଠାତ୍ରୀ ଦେବୀ ମା'ଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲା। ସେଠାରୁ ପୂଜାର୍ଚ୍ଚନା କରିବା ପରେ ପଦଯାତ୍ରା ବୁଢ଼ାବାହାଲର ରେମଣ୍ଡାକୁ ଯାଇଥିଲା। ରେମଣ୍ଡାରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ଟିଟିଲାଗଡ଼ ବିଧାୟିକା ସାହୁ, ଜିଲା ଆଦିବାସୀ ସଂଘ ସଭାପତି ବ୍ରଜ କିଶୋର ସିଂ ଭୋଇ, ବିଜେଡି ଟିଟିଲାଗଡ଼ ଟାଉନ ସଭାପତି ଉମାଦେବୀ ଅଗ୍ରୱାଲ, ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ସଭାକୁ ଦିଲୀପ ରାଜପାଲିଆ ପରିଚାଳନା କରିଥିଲେ । ସଭା କାର୍ଯ୍ୟ ଚାଲିଥିବାବେଳେ ସଭାମଞ୍ଚକୁ ଲକ୍ଷ୍ୟ କରି କେହି ଜଣେ ଯୁବକ ଅଣ୍ଡା ମାଡ଼ କରିଥିଲେ । ଅଣ୍ଡାଟି ଗେଟ ପାଖରେ ଡ୍ୟୁଟି କରୁଥିବା ଜଣେ ପୋଲିସ ଅଧିକାରୀଙ୍କ ନିକଟରେ ପଡିଥିଲା । ଏହାପରେ ସଭାରେ ହଇଚଇ ସୃଷ୍ଟି ହୋଇଥିଲା । କିଛି ଲୋକ ଜଣେ ଯୁବକଙ୍କୁ କାବୁ କରି ଅଣ୍ଡାମାଡ କରିଥିବା ଦର୍ଶାଇ ନିସ୍ଥୁକ ପିଟିଥିଲେ। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ପୋଲିସ ଗାଡିରେ ଅନ୍ୟତ୍ର ନେଇଯାଇଥିଲେ । ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗାଡିରେ ବସାଇ ନେଉଥିବାବେଳେ ସଭାମଞ୍ଚରୁ ମନ୍ତ୍ରୀ ସିଂ ଓହ୍ଲାଇ ଆସି ଗାଡି ଭିତରେ ସମ୍ପୃକ୍ତ ଯୁବକଙ୍କୁ ମାଡ ମାରିବାକୁ ଉଦ୍ୟମ କରିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଏଭଳି ଘଟଣା ପରେ ବିଜେଡି ଜନସମ୍ପର୍କ ପଦଯାତ୍ରାଟି ବିବାଦୀୟ ହୋଇପଡିଛି । ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତେବେ ଅଣ୍ଡାମାଡକାରୀଙ୍କ ସମ୍ପର୍କରେ ପୋଲିସ ବିଶେଷ ସୂଚନା ଦେଇ ନ ଥିବାବେଳେ ୩ ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି । ଅଟକ ତିନି ଜଣ କିଏ ଓ ସେମାନଙ୍କୁ କେଉଁଠି ରଖାଯାଇଛି ସେନେଇ ପୋଲିସ କିଛି ବି ସୂଚନା ଦେଇନାହିଁ । ଏ ସମ୍ପର୍କରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଣ୍ଡାମାଡ ଘଟଣା ପରେ ହଠାତ୍‌ଭିଡ ଜମିଯିବାରୁ ମୁଁ ସେଠାକୁ ଯାଇଥିଲି। ହେଲେ ସେତେବେଳକୁ ଅଣ୍ଡା ମାରିଥିବା ଯୁବକଙ୍କୁ ପୋଲିସ ଧରି ସାରିଥିଲା। ତେଣୁ ମୁଁ ସେଠାରୁ ଫେରି ଆସିଥିଲି ବୋଲି କହିଛନ୍ତି।

## ମାଓବାଦୀଙ୍କ ନୂଆ ରଣନୀତି

**ମାଲକାନଗିରି,୩୦।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ନୂଆ ରଣ କୌଶଳ ଆପଣେଇଛନ୍ତି। ସୁକୁମା ଜିଲାର ଚିନ୍ତାଗୁମ୍ଫା ଜଙ୍ଗଲରେ ମାଓବାଦୀମାନେ ପାଳ ସାହାଯ୍ୟରେ ପୁତ୍ତଳିକା ତିଆରି କରି ଘଞ୍ଚ ଜଙ୍ଗଲରେ ରଖୁଛନ୍ତି । ଏହା ସମ୍ପୂର୍ଣ୍ଣ ଜଣେ ମାଓବାଦୀ ଭଳି ଦେଖାଯାଉଛି। ଏହି ପୁତ୍ତଳିକାରେ ମାଓବାଦୀମାନେ ନକଲି ବନ୍ଧୁକ ରଖିବା ସହ ଏଥିରେ ବୋମା, ଗ୍ରାନାଇଟ ଭଳି ବିସ୍ଫୋରଣ ସାମଗ୍ରୀ ରଖୁଛନ୍ତି। ପୋଲିସ କୋମ୍ବିଂ ଅପରେଶନ କିମ୍ବା ତଲାସୀ ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଏହି ପୁତ୍ତଳିକାକୁ ଦେଖି ମାଓବାଦୀ ଭାବି ଗୁଳି ଚାଳନା କରିବେ। ତେବେ ଏଥିରେ ଖଞ୍ଜାଯାଇଥିବା ବୋମା ବିସ୍ଫୋରଣ ହେଲେ ପୋଲିସକୁ କ୍ଷତି ପହଞ୍ଚାଇବ । ସିଆରପିଏଫ ଯବାନମାନେ ଏକ ତଲାସୀ ଅଭିଯାନରେ ବାହାରିଥିବା ବେଳେ ମାଓବାଦୀଙ୍କ ଏହି ନୂତନ ରଣନୀତିର ପର୍ଦ୍ଦାଫାଶ କରିଛନ୍ତି। ଏହି ଜଙ୍ଗଲରୁ ସୁରକ୍ଷାକର୍ମୀମାନେ ୪ଟି ନକଲି ମାଓବାଦୀ ପୁତ୍ତଳିକା ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

With Best Compliments from:-
Stellar® FURNITURE & LIFESTYLE
An ISO 9001:2008 Certified Company.
MADHU ENTERPRISES
Plot No.: 1582/5955, City Unit No. 57/35,
In Front of Saptasati Temple, Pandara, Palasuni,
Bhubaneswar: 751010, Ph.: +91 7008535131,
Tel: 0674 2579057, stellar.odisha@gmail.com

GRAM BIKASH PARISHAD
ଓଡ଼ିଶାର ଅଗ୍ରଣୀ ଖଦି ସଂସ୍ଥା
ଉତ୍ପାଦକ ଓ ବିକ୍ରେତା
୧) ସିଲ୍କ ଖଦି: ଶାଢ଼ି, ଶାର୍ଟିଂ ଓ ସ୍କାର୍ଫ
୨) ମସ୍‌ଲିନ୍ ଖଦି: ଶାଢ଼ି, ଶାର୍ଟିଂ ଓ ଡ୍ରେସ୍‌ମ୍ୟାଟେରିଆଲ
ପାଇକାରୀ ବିକ୍ରି ମଧ୍ୟ କରାଯାଏ।
Sd./- Secretary
Gram Bikash Parisad
At/Po.: Nuapatna (Tigiria) Cuttack

ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଖୋର୍ଦ୍ଧା ସହର ସମେତ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଓ ଶୁଭେଚ୍ଛା।
ଜିତେନ୍ଦ୍ର ପ୍ରଧାନ (ରାଜା)
ଖୋର୍ଦ୍ଧା

''ଧରିତ୍ରୀ''ର ୪୫ତମ ଜନ୍ମଜୟନ୍ତୀରେ ଶୁଭେଚ୍ଛା। ଓଡିଶାର ଏକମାତ୍ର ନିର୍ଭୀକ, ନିରପେକ୍ଷ ସମ୍ବାଦ ପରିବେଷଣ କରି ଖ୍ୟାତି ଅର୍ଜନ କରିଥିବା ''ଧରିତ୍ରୀ''ର ୪୫ତମ ଜନ୍ମ ଜୟନ୍ତୀ ଅବସରରେ ମୋର ଆନ୍ତରିକ ଶୁଭେଚ୍ଛା। ଏଥି ସହିତ ଧରିତ୍ରୀ ପରିବାରର ମଙ୍ଗଳ କାମନା କରି ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରୁଛି ।
ବୃକ୍ଷରୋପଣ କରନ୍ତୁ ।
ପରିବେଶର ସୁରକ୍ଷା ରଖନ୍ତୁ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ସହ ହାତ ମିଳାନ୍ତୁ ।
ଶ୍ରୀ ରତ୍ନାକର ଦାସ
ବନାଞ୍ଚଳ ଅଧିକାରୀ, ଖୁଣ୍ଟୁଣୀ

ସମୃଦ୍ଧ ଖୋର୍ଦ୍ଧା ଜିଲ୍ଲା ଗଠନରେ ଆପଣଙ୍କର ସହଯୋଗ କାମନା କରୁଛି। ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଖୋର୍ଦ୍ଧା ସହରାଞ୍ଚଳ, ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଓ ଶୁଭେଚ୍ଛା।
ଶିଶିର ପରିଡ଼ା
ପ୍ରଦେଶ କଂଗ୍ରେସ କମିଟି ସଭ୍ୟ
ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି, ଖୋର୍ଦ୍ଧା

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଓ ଶୁଭେଚ୍ଛା।
ମୌଲାନା ଫଜଲ ହକ୍ ଖାଁ
ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ଇନ୍‌ଚାର୍ଜ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭକାମନା।
୪୪ଟି ପାହାଚ ଅତିକ୍ରାନ୍ତ କରି ୪୫ ବର୍ଷରେ ପଦାର୍ପଣ କରିଥିବା ''ଧରିତ୍ରୀ'' ଭଳି ଏକ ନିର୍ଭୀକ, ନିରପେକ୍ଷ ତଥା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସମଗ୍ର ଓଡିଶାବାସୀଙ୍କ ହୃଦୟ ଜୟ କରିପାରିଥିବାରୁ ତାର ଦୀର୍ଘ ପ୍ରସାରଣ କାମନା କରୁଛୁ । ଏଥି ସହିତ ''ଧରିତ୍ରୀ'' ପରିବାରକୁ ମଧ୍ୟ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ, ଆଠଗଡ ଉପଖଣ୍ଡ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏକ ଦୁର୍ନୀତିମୁକ୍ତ ଓଡିଶା ଗଠନରେ ''ଧରିତ୍ରୀ''ର ଉଦ୍ୟମ ଅଭିନନ୍ଦନୀୟ। ଜଗନ୍ନାଥ ଆଠଗଡ ତଥା ଓଡିଶାବାସୀଙ୍କର ମଙ୍ଗଳ କରନ୍ତୁ।
ଅଶୋକ କୁମାର ସାମନ୍ତରାୟ, ସଂପାଦକ, ଟ୍ରକ୍ ମାଲିକ ସଂଘ, ଖୁଣ୍ଟୁଣୀ, ଆଠଗଡ ଉପଖଣ୍ଡ
ମନୋଜ କୁମାର ମିଶ୍ର, ସଭାପତି, ଟ୍ରକ୍ ମାଲିକ ସଂଘ, ଖୁଣ୍ଟୁଣୀ, ଆଠଗଡ ଉପଖଣ୍ଡ

ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଧରିତ୍ରୀ ପରିବାରର ପାଠକ, ପାଠିକା, ସାମ୍ବାଦିକ, କର୍ମଚାରୀ ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଓ ଶୁଭେଚ୍ଛା। ଭଗବାନ ସଭିଙ୍କୁ ଖୁସି ଓ ଶାନ୍ତିରେ ରଖନ୍ତୁ।
ଧଜ ସାମନ୍ତରାୟ
କାଇପଦର, ଖୋର୍ଦ୍ଧା














"ମନୁଷ୍ୟ ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ ସେ ଚୋର ଅଟେ।

- ବ୍ୟାସଦେବ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ' ଅବସରରେ ଜୈନ ୱାକ୍, ଉଦୟଗିରି ଟିକଟ୍ କାଉଣ୍ଟର, ସକାଳ ୬ଟା ୩୦। ନନ୍ଦନକାନନ ନେଚର ୱାକ୍, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମୁଖ୍ୟ ଗେଟ୍, ସକାଳ ୭ଟା ୩୦। ଭୁବନେଶ୍ୱର ଆର୍ଟ ଟ୍ରେଲ୍, ଗୁଆଝର, କେଦାରଗୌରୀ କମ୍ପ୍ଲେକ୍ସ ନିକଟ, ସକାଳ ୮ଟା ୩୦ ଓ ଅପରାହ୍ନ ୫ଟା। ଷ୍ଟ୍ରିଟ୍ସ ଅଫ୍ ଏକାମ୍ର, ଏମାର ମଠ, ପୁରୁଣା ଭୁବନେଶ୍ୱର, ଅପରାହ୍ନ ୩ଟା ୩୦। 'ଡଟ୍ ଫେଷ୍ଟ' ଉଦ୍‌ଘାଟନ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟାରୁ ୧୦ଟା।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ସେଲ୍‌ଫ ରିଲାଏନ୍ସ ପକ୍ଷରୁ ଭାରତ ବିକାଶ ଆୱାର୍ଡ ଓ ଜାତୀୟ ଆଲୋଚନାଚକ୍ର, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ୍ ଛକ, ସକାଳ ୮ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ନାରାୟଣ ସେବା ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ, ସାଇନ୍ସ ପାର୍କ ବସ୍ତି, ଆଚାର୍ଯ୍ୟ ବିହାର, ସକାଳ ୮ଟା।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ, ଗଞ୍ଜାମ ଜିଲା ପକ୍ଷରୁ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ପିକକ୍ ପକ୍ଷରୁ ମହିଳା ବିରୋଧୀ ହିଂସା ଉପରେ କର୍ମଶାଳା, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ 'ଲେଖକଙ୍କ ସହିତ' କାର୍ଯ୍ୟକ୍ରମ, ଓଡ଼ିଶା ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା।
- ବିଶ୍ୱ ଏଡ୍‌ସ ଦିବସ ଅବସରରେ ମହିଳା ଯୌନକର୍ମୀଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା, ମାଳିସାହିଠାରୁ ମାଷ୍ଟରକ୍ୟାଣ୍ଟିନ୍, ଅପରାହ୍ନ ୫ଟା। ନୃତ୍ୟ କାର୍ଯ୍ୟକ୍ରମ, ମାଳିସାହି, ଅପରାହ୍ନ ୪ଟା ୩୦।
- ଚିତ୍ତରଞ୍ଜନ ଦାସ ସ୍ମାରକୀ ବକ୍ତୃତା, ବୁଦ୍ଧ ବିହାର, ଅପରାହ୍ନ ୫ଟା ୩୦।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ସୁବର୍ଣ୍ଣରେଖା' ଉଦ୍‌ଘାଟନ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।

### କଟକ

- ଗଣ୍ଡରପୁରସ୍ଥିତ ଏଲ୍‌ଆର୍‌ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ସ୍ପୋର୍ଟ୍ସ ମିଟ୍, ଫୁଟବଲ ପଡ଼ିଆ, ଷଷ୍ଠ ବାଟାଲିୟନ ଓଏସ୍‌ଏପି, ସକାଳ ୯ଟା।
- ଓଡ଼ିଶା କବିତା ମହୋତ୍ସବର ଉଦ୍‌ଘାଟନୀ ସଭା, ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୦ଟା।
- ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟଙ୍କ ୯୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଗାନ୍ଧୀଭବନ, ବାଖରାବାଦ, ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ଧାନ ଗବେଷଣା ସଂସ୍ଥା ପକ୍ଷରୁ ଶିଳ୍ପ-କୃଷକ-ସଂସ୍ଥା ମିଟ୍, ସଂସ୍ଥାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟ କଲେଜର ପ୍ଲାଟିନମ୍ ଜୁବଲି ଉତ୍ସବ ଉଦ୍‌ଘାଟନ, କଲେଜ ପରିସର, ପୂର୍ବାହ୍ନ ୧୧ଟା।
- କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ପକ୍ଷରୁ ପ୍ରଥମ କାରୋଲ୍ ସର୍ଭିସ, ମିଶନ ରୋଡ୍, ବକ୍ସିବଜାର, ସନ୍ଧ୍ୟା ୬ଟା।
- ଜ୍ଞାନମଣ୍ଡଳ ପାଠକ ସଂସଦ ପକ୍ଷରୁ ଯୋଗଜନ୍ମା ବିନୋଦ କାନୁନ୍‌ଗୋଙ୍କ ସ୍ମୃତିଚାରଣ ସଭା, ଗାନ୍ଧୀ ଭବନ, ବାଖରାବାଦ, ସନ୍ଧ୍ୟା ୬ଟା।
- ସୁହୃଦ ସେବାଶ୍ରମ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ଚନ୍ଦ୍ରଶେଖର ଶିବ ମନ୍ଦିର ହଲ୍, ଅରୁଣୋଦୟ ନଗର, ବାଦାମବାଡ଼ି, ରାତି ୭ଟା।

### ଖୋର୍ଦ୍ଧା

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ହାବେଳୀ ପଡ଼ିଆ, ସନ୍ଧ୍ୟା ୬ଟା।

### ଜଟଣୀ

- ଦି ଜାଭିୟର ସ୍କୁଲ ଅଫ୍ କମ୍ୟୁନିକେଶନ୍ସ ପକ୍ଷରୁ ଆନ୍ତଃବିଦ୍ୟାଳୟ ଓ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ଜାଭିୟର ବିଶ୍ୱବିଦ୍ୟାଳୟ ମିନି ଅଡିଟୋରିୟମ୍, ନିଜିଗଡ଼ କୁର୍କି, ସକାଳ ୯ଟା ୩୦। ଉଦ୍‌ଯାପନୀ ଉତ୍ସବ, ଅପରାହ୍ନ ୩ଟା ୩୦।

### କୋଣାର୍କ

- କୋଣାର୍କ ମହୋତ୍ସବ ଉଦ୍‌ଘାଟନ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା। ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ଚନ୍ଦ୍ରଭାଗା ବେଳାଭୂମି ଶଯ୍ୟା, ପୂର୍ବାହ୍ନ ୧୧ଟା।

## ସିଟି ଫେଷ୍ଟିଭାଲ ପାଇଁ ଟ୍ରାଫିକ କଟକଣା

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** ଖାରବେଳନଗର ଥାନା ପ୍ରଦର୍ଶନୀ ପଡିଆରେ ଶୁକ୍ରବାର ଠାରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ସିଟି ଫେଷ୍ଟିଭାଲ ଚାଲିବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ମଧୁସୂଦନ ମାର୍ଗରୁ ଓଏସ୍‌ଏଚବି ରାମ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଲାଗୁ ହୋଇଛି। ଅପରାହ୍ନ ୪ଟାରୁ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ଏହି ଉକ୍ତ ରାସ୍ତା ଦେଇ ଗାଡି ଚଳାଚଳ ବନ୍ଦ ରହିବ। ଯଦି କେହି ନିୟମକୁ ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ ଅରବାନ ପୋଲିସ ଆକ୍ଟ-୨୦୦୩ ଧାରା ୯୬ ଅନୁଯାୟୀ ୫ଶହରୁ କିମ୍ବା ୧ହଜାର ଟଙ୍କା ଜରିମାନା ଲାଗୁ ହେବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ଏହି ଦାୟିତ୍ୱରେ ଜଣେ ଇନ୍ସପେକ୍ଟର ଓ ଅନ୍ୟ ଏକାଧିକ ଏଏସ୍‌ଆଇ ରହିବେ। ଫେଷ୍ଟିଭାଲକୁ ଆସୁଥିବା ଗାଡିଗୁଡିକ କ୍ୟାପିଟାଲ ହାଇସ୍କୁଲ ପଡିଆରେ ପାର୍କିଂ କରିପାରିବେ। ବିଶେଷକରି ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଗାଡିଗୁଡିକ ପ୍ରଦର୍ଶନୀ ପଡିଆ ସମ୍ମୁଖ ମୁଖ୍ୟ ରାସ୍ତାରେ ପାର୍କିଂ କରିପାରବେ ବୋଲି ପୋଲିସ କମିଶନର କହିଛନ୍ତି।

# ନିୟମ ଉଲ୍ଲଂଘନକାରୀ ପୋଲିସ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ଜନସାଧାରଣଙ୍କ ସୁବିଧା ଲାଗି ଯେଉଁ ନିୟମ କରାଯାଉଛି ତାହାକୁ ପୋଲିସ ପ୍ରଥମେ ଉଲ୍ଲଂଘନ କରୁଛି। ରାଜଧାନୀରେ ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିଲେ ମଧ୍ୟ ପୋଲିସ କର୍ମଚାରୀମାନଙ୍କର ଚେତା ପଶୁନାହିଁ।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସ୍‌ସିଏଲ) ପକ୍ଷରୁ ସହରବାସୀଙ୍କ ଲାଗି 'ମୋ ସାଇକେଲ' ବ୍ୟବସ୍ଥା ଆରମ୍ଭ ହୋଇଛି। ବର୍ତ୍ତମାନ ହକି ବିଶ୍ୱକପ୍ ଚାଲିଥିବାବେଳେ ଶନିବାରଠାରୁ ପ୍ରଦର୍ଶନୀ ପଡ଼ିଆରେ ଡଟ୍ ଫେଷ୍ଟ ଅନୁଷ୍ଠିତ ହେବ। ଏହି ସମୟରେ ରାଜଧାନୀକୁ ଆସିଥିବା ଦେଶ ବିଦେଶର ନାଗରିକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସାଇକେଲ ବ୍ୟବସ୍ଥା ସହ ସାଇକେଲ ଚଳାଚଳ ପାଇଁ ସ୍ୱତନ୍ତ୍ର ଟ୍ରାକ୍ କରାଯାଇଛି। ଏହି ଟ୍ରାକରେ ଗାଡ଼ି ଚଳାଚଳ କଲେ କିମ୍ବା ପାର୍କିଂ କଲେ ଟ୍ରାଫିକ ପୋଲିସ ଜରିମାନା ଆଦାୟ କରୁଛି। କିନ୍ତୁ ଖୋଦ ପୋଲିସ କର୍ମଚାରୀ ଉକ୍ତ ଟ୍ରାକ୍‌ରେ ଗାଡ଼ି ଚଳାଇବା ସହ ଭ୍ୟାନ ପାର୍କିଂ କରୁଛନ୍ତି। ଶୁକ୍ରବାର ନିକୋ ପାର୍କରୁ ଆଚାର୍ଯ୍ୟବିହାର ଯିବା ରାସ୍ତା ପାର୍ଶ୍ୱରେ ସାଇକେଲ ଟ୍ରାକରେ ଜଣେ ପୋଲିସ ଏସ୍‌ଆଇ ବାଇକ୍ ଚଳାଇ ଯାଉଥିଲେ। ରାସ୍ତା ଫାଙ୍କା ଥିବାବେଳେ କର୍ମଚାରୀ ଜଣକ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିଲେ। କିନ୍ତୁ ନିକୋ ପାର୍କ ନିକଟରେ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ତାଙ୍କୁ ସାଲ୍ୟୁଟ କରୁଥିବା ଦେଖିବାକୁ ମିଳିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଗତ ସପ୍ତାହରେ ବିମାନବନ୍ଦର ଛକ ନିକଟରେ ସାଇକେଲ ଟ୍ରାକରେ ଜଣେ ବ୍ୟକ୍ତି କାର୍ ପାର୍କିଂ କରିଥିବାରୁ ଟ୍ରାଫିକ କର୍ମଚାରୀମାନେ ତାଙ୍କଠାରୁ ଜରିମାନା ଆଦାୟ କରିଥିଲେ। କିନ୍ତୁ ନିକଟରେ ଏକ ପୋଲିସ ଭ୍ୟାନ ଏବଂ ସିଟିବସ୍ ସାଇକେଲ ଟ୍ରାକରେ ପାର୍କିଂ କରିଥିଲେ ମଧ୍ୟ ପୋଲିସ ଆଖି ବୁଜିଦେଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଅନେକ କ୍ଷେତ୍ରରେ ପୋଲିସ ନିୟମ ଉଲ୍ଲଂଘନ କରୁଥିବାର ବାରମ୍ବାର ଦେଖିବାକୁ ମିଳୁଛି।

ବମ୍ବେରୁ ହକି ବିଶ୍ୱକପ ସହ ଡଟ ଫେଷ୍ଟରେ ଯୋଗଦେବାକୁ ଆସିଥିବା ମୋନୁ ଆହୁଜା କୁହନ୍ତି, ଭୁବନେଶ୍ୱରର ଟ୍ରାଫିକ ପରିଚଳନା ଖୁବ୍ ସୁନ୍ଦର। ମାତ୍ର ଲୋକ ପାର୍କିଂ ଏବଂ ସାଇକେଲ ଜୋନରେ ସ୍ପିଡ୍ ବାଇକ ଏବଂ କାର ଚଳାଉଥିବାରୁ ଏହାକୁ ବ୍ୟବହାର କରିବାରେ ଭୟ ଲାଗୁଛି। ଏ ନେଇ ଲୋକମାନେ ସଚେତନ ହେବା ଉଚିତ। ଆଇନଜୀବି ସ୍ମୃତିରଞ୍ଜନ ସାମଲ କୁହନ୍ତି, ରାଜ୍ୟ ସରକାର ନୂଆ ନୂଆ ପଦକ୍ଷେପ ନେଇ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ସହରରେ ସାଇକେଲ ଚଳାଇବା ଯୋଜନା ଏଥିରୁ ଅନ୍ୟତମ। କିନ୍ତୁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସାଇକେଲ ଜୋନରେ ଗାଡ଼ି ଚଳାଇବାଠାରୁ ଆରମ୍ଭ କରି ପାର୍କିଂ କରୁଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ହେବା ଜରୁରୀ। ସୂଚନାଯୋଗ୍ୟ, ସ୍ମାର୍ଟ ସିଟି ପ୍ରୋଜେକ୍ଟ ଅନୁସାରେ ରାଜଧାନୀରେ ୪୦୦ ସାଇକେଲ ଷ୍ଟେଶନ ତିଆରି କରାଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ପାଖାପାଖି ୧୦୦ ଷ୍ଟେଶନରେ ସାଇକେଲ ଉପଲବ୍ଧ ହେଉଛି। ସହରବାସୀ ଏବଂ ପର୍ଯ୍ୟଟକମାନେ ସାଇକେଲ ଭଡ଼ାରେ ନେଇ ବ୍ୟବହାର କରିପାରିବେ।




ସାଇକେଲ ଟ୍ରାକ୍‌ରେ ଜଣେ ପୋଲିସ ଅଧିକାରୀ ବାଇକ ଚଳାଇ ଯାଉଛନ୍ତି।

### ସାଇକେଲ ଟ୍ରାକ୍‌ରେ ବାଇକ ଧରି ବୁଲୁଛନ୍ତି ଖାକିବାବୁ

## ଚୋରା ଗାଡ଼ିକୁ ଧରିବ ସ୍ମାର୍ଟ ମେଶିନ



**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ରାଜଧାନୀରେ ଚୋରା ଗାଡ଼ିକୁ ଧରିବ ସ୍ମାର୍ଟ ମେଶିନ। ଜାଲ୍ ନମ୍ବର ପ୍ଲେଟ ଥାଇ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ସ୍ମାର୍ଟ ମେଶିନ ଠାବ କରିବ। 'ବାହନ' ଆପ୍ ଜରିଆରେ ଉକ୍ତ ନମ୍ବରକୁ ମେଳ ଖୁଆଇବ। ନମ୍ବର ଅନୁସାରେ ଗାଡ଼ି ମାଲିକଙ୍କ ନାମ ମ୍ୟାଚ୍ ନ କଲେ ତାହାକୁ ରେକର୍ଡ କରି ପୋଲିସ ନିକଟକୁ ତଥ୍ୟ ପଠାଇବ। ତାହାକୁ ଆଧାର କରି ପୋଲିସ ଉକ୍ତ ଚୋରା ଗାଡ଼ିକୁ ଠାବ କରିବ। ରାଜଧାନୀର ରୁପାଲି ଛକ, କଳ୍ପନା, ଏୟାର ପୋର୍ଟ ଛକ, ନାଲକୋ ପାର୍କ ଛକ, ପାୱାର ହାଉସ, କଳିଙ୍ଗ ହସ୍ପିଟାଲ, ପଟିଆ ଛକ, ବାଣୀବିହାର-ରସୁଲଗଡ ଓଭରବ୍ରିଜ ଏବଂ ଖଣ୍ଡଗିରି ଆଦି ଟ୍ରାଫିକ ପୋଷ୍ଟ ନିକଟରେ ଏହି ମେଶିନ ସଂସ୍ଥାପନ କରାଯାଇଛି। ଶୁକ୍ରବାରଠାରୁ ମେଶିନଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି।

ବିଏସ୍‌ସିଏଲ ପକ୍ଷରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ଏହି ଉଚ୍ଚ ଟେକ୍ନୋଲୋଜିଯୁକ୍ତ ସ୍ମାର୍ଟ ମେଶିନ ଲଗାଯାଇଛି। ୬ଟି ସ୍ଥାନରେ ଓଭର ସ୍ପିଡିଙ୍ଗ୍ ଡିଟେକ୍ସନ କ୍ୟାମେରା ଖଞ୍ଜାଯାଇଛି। ଚୋରା ଗାଡ଼ି ଧରିବା ବ୍ୟତୀତ ଗାଡ଼ିର ବେଗ ମାପିବା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଦ୍ରୁତଗତିରେ ଯାଉଥିବା ଗାଡ଼ିଗୁଡ଼ିକୁ ମଧ୍ୟ ମେଶିନ ଠାବ କରିବ। ପରେ ଜରିମାନା ପାଇଁ ଗାଡ଼ି ମାଲିକଙ୍କ ଘରକୁ ଇ-ଚାଲାଣ ପଠାଇବ। ସ୍ମାର୍ଟ ମେଶିନରେ ରହିଥିବା ଉଚ୍ଚ ଶକ୍ତିସମ୍ପନ୍ନ କ୍ୟାମେରା ଲେନ୍ସ ଗାଡିର ନମ୍ବରକୁ ପ୍ରଥମେ ଟ୍ରେସ କରିବ। କ୍ୟାମେରାଗୁଡିକ ଜିପିଏସ୍ ସହିତ ସଂଯୋଗ ହୋଇଥିବାରୁ ମେଶିନ 'ବାହନ' ଆପ୍ ଜରିଆରେ ଗାଡ଼ି ନମ୍ବର ମ୍ୟାଚ୍ କରାଇ ଗାଡ଼ିର ପ୍ରକୃତ ମାଲିକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବ। ତଥ୍ୟ ମେଳ ନ ଖାଇଲେ ପୋଲିସକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରିବ।

### ଦ୍ରୁତଗତି ଗାଡ଼ି ଚାଳନା, ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଘରକୁ ଯିବ ଇ-ଚାଲାଣ







ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ମାନସ ସାହୁଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

## ଫେବୃୟାରୀ ୨୦ରୁ ଦିଲ୍ଲୀରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ, ସଂସ୍କୃତି ଓ କଳାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ପୁଣିଥରେ ଆୟୋଜନ କରିବାକୁ ଯାଉଛି ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ 'ଆମରି ଭାଷା ପଥେ'। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତିର ୫ମ ବର୍ଷ ପୂର୍ତ୍ତି ଏବଂ ବିଶ୍ୱ ମାତୃଭାଷା ଦିବସ ଅବସରରେ ୨୦୧୯ ଫେବୃୟାରୀ ୨୦ ଓ ୨୧ରେ ଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ପରିସରରେ ଅନୁଷ୍ଠିତ ହେବ। ଦେଶର ପ୍ରମୁଖ ସାହିତ୍ୟିକ ଏବଂ ଭାଷାବିତ୍‌ଙ୍କ ଅଂଶଗ୍ରହଣରେ ଏହି ମାତୃଭାଷା ମହାକୁମ୍ଭ ରାଜ୍ୟ ବାହାରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଆ ଭାଷାର ନେତୃତ୍ୱରେ ସମସ୍ତ ଶାସ୍ତ୍ରୀୟ ଭାଷା ବିଶାରଦ ଏବଂ ଅନ୍ୟ ଆଞ୍ଚଳିକ ଭାଷା ବିଜ୍ଞାନୀମାନେ ଯୋଗଦେଇ ମାତୃଭାଷାର ଆବଶ୍ୟକତା, ସମସ୍ୟା, ପରିସୀମା ଓ ପ୍ରଗତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ଚଳିତବର୍ଷ ସଙ୍ଗଠନ ତରଫରୁ ସ୍କୁଲ ପିଲାମାନଙ୍କ ମଧ୍ୟରେ ଏକ ଓଡ଼ିଆ ଭାଷା ପ୍ରବନ୍ଧ ପ୍ରତିଯୋଗିତା 'ମାତୃଭାଷା ହିଁ ପ୍ରଗତି ଓ ସ୍ୱାଭିମାନର ପ୍ରତୀକ' ଆୟୋଜନ କରାଯିବ ବୋଲି ସଙ୍ଗଠନ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତ କହିଛନ୍ତି। ୮ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିପାରିବେ।

## ବାଲିଯାତ୍ରା ପଡ଼ିଆରୁ...



ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ଭିଡ଼।




ହକି ବିଶ୍ୱକପ୍ ଅବସରରେ ବାଲିଯାତ୍ରା ପଡ଼ିଆରେ ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟୁଛନ୍ତି ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ଏ.ବ୍ରହ୍ମାନନ୍ଦ ଆଚାରୀ ଓ ସାଥୀ।




ଇମିଟେଶନ ଅଳଙ୍କାର ଦେଖୁଛନ୍ତି ଦୁଇ ଯୁବତୀ।



ବାଲିଯାତ୍ରାରେ ପିଲାମାନେ ଟୟ ଟ୍ରେନ୍‌ର ମଜା ନେଉଛନ୍ତି।



ଶୁକ୍ରବାର କଳିଙ୍ଗ ଷ୍ଟାଡିୟମକୁ ଖେଳ ଦେଖିବାକୁ ଆସିଥିବା ଶିଶୁ ହକି ପ୍ରେମୀମାନେ।

# ଫୁଡ୍-ଫନ୍-ଟ୍ରେଲ୍

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ସହରରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱର ସିଟି ଫେଷ୍ଟିଭାଲ 'ଡଟ୍ ଫେଷ୍ଟ'। ଫୁଡ୍-ଫନ୍-ଟ୍ରେଲ୍ର ସମାହାରକୁ ନେଇ ଆୟୋଜିତ ହେଉଥିବା ଏହି ଫେଷ୍ଟିଭାଲ ଆଗାମୀ ୧୬ଦିନ ଧରି ସହରବାସୀଙ୍କ ସହ ବାହାରୁ ଆସିଥିବା ପର୍ଯ୍ୟଟକଙ୍କ ଭରପୂର ମନୋରଞ୍ଜନ କରିବ। ବିଶ୍ୱକପ୍ର ହୋଷ୍ଟ ପାର୍ଟନର 'ଓଡ଼ିଶା ପର୍ଯ୍ୟଟନ' ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ଭାବେ ଏହାର ଆୟୋଜନ କରୁଛନ୍ତି, ଯାହାକି ଫୁଡ୍, ଏଣ୍ଟରଟେନ୍ମେଣ୍ଟ, ଷ୍ଟୋରିଜ୍, ଟ୍ରେଲ୍ ଆଦି ୪ କନ୍ସେପ୍ଟକୁ ନେଇ ଅନୁଷ୍ଠିତ ହେବ। ଡିସେମ୍ବର ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୩ ଇଡ୍କୋ ପ୍ରଦର୍ଶନୀ ପଡ଼ିଆଠାରେ ମନୋରଞ୍ଜନର ଏହି ମହାକୁମ୍ଭ ଆରମ୍ଭ ହେଉଛି।

ହକି ବିଶ୍ୱକପ୍ ଲାଗି ସମଗ୍ର ବିଶ୍ୱରୁ ଆସିଥିବା କ୍ରୀଡ଼ାପ୍ରେମୀ ଓ ଦର୍ଶକମାନଙ୍କୁ ଓଡ଼ିଶା ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଖାଦ୍ୟପେୟର ଝଲକ ଦେବ ଡଟ୍ ଫେଷ୍ଟ।

## ଆଜିଠୁ ଡଟ୍ ଫେଷ୍ଟ୍

ଓଡ଼ିଶାର ବହୁ ତାରକା ହୋଟେଲ ସହ କାଫେ, ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ ଏବଂ ଓଟିଡିସି ପକ୍ଷରୁ ଏଠାରେ ଷ୍ଟଲ୍ ଖୋଲାଯାଇ ପାରମ୍ପରିକ ଓଡ଼ିଆ ଖାଦ୍ୟ, ଦେଶୀ ଓ ବିଦେଶୀ ଖାଦ୍ୟ ଉପଲବ୍ଧ ହେବ। ବିଭିନ୍ନ ରାଜ୍ୟର ଖାଦ୍ୟ ସହ ବିଶ୍ୱକପ୍ରେ ଭାଗନେବାକୁ ଥିବା ୧୬ଟି ରାଷ୍ଟ୍ରର ପାରମ୍ପରିକ ଓ ପ୍ରସିଦ୍ଧ ଖାଦ୍ୟ ଏଠାରେ ପ୍ରସ୍ତୁତ କରାଯିବ। ପ୍ରତିଦିନ କ୍ରମାନ୍ୱୟରେ ମେକ୍ସିକାନ୍, ଇଟାଲିଆନ୍, ମଙ୍ଗୋଲିଆନ୍, ଚାଇନିଜ୍ ଫୁଡ୍ ଆଦି ରହିବ। କେବଳ ସେତିକି ନୁହେଁ, ସବୁଠାରୁ ଅଧିକ ଦମ୍ଦାର ହେବ ଦେଶର ବହୁ ନାମୀଦାମୀ ସେଲିବ୍ରିଟିଙ୍କ ହାଇଭୋଲ୍ଟେଜ୍ ଶୋ'। ମ୍ୟୁଜିକ୍ରୁ ଆରମ୍ଭ କରି ଷ୍ଟାଣ୍ଡଅପ୍ କମେଡି ପର୍ଯ୍ୟନ୍ତ, ସବୁକିଛି ଧମାକାଦାର୍ ହେବ। ୭ ତାରିଖରେ ହେବାକୁ ଥିବା 'ଏଲ୍ଓଏଲ୍ ଫେଷ୍ଟ'ରେ ଷ୍ଟାଣ୍ଡ୍ କମେଡି ପରିବେଷଣ କରିବେ ଓଡ଼ିଶା ଜନ୍ମିତ ବିଶ୍ୱପ୍ରସିଦ୍ଧ ଷ୍ଟାଣ୍ଡଅପ୍ କମେଡିଆନ୍ ବିଶ୍ୱକଲ୍ୟାଣ ରଥ। ଏହାସହ ଡିସେମ୍ବର ୧ରେ ବିଶାଲ ଶେଖର, ୨ରେ ସିଦ୍ଧାନ୍ତ ଶର୍ମା ଓ ତାଙ୍କ ରକ୍ବ୍ୟାଣ୍ଡ, ୩ରେ ସୋନା ମହାପାତ୍ରଙ୍କ 'ଲାଲ୍ ପରୀ ମସ୍ତାନୀ', ୪ରେ ଅରୁଣା ମହାନ୍ତିଙ୍କର କ୍ଲାସିକାଲ୍ ଫେଷ୍ଟ, ୫ରେ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଓ ସାମରିକ ନୃତ୍ୟ ଏବଂ ୬ରେ କ୍ଲିଣ୍ଟନ୍ ସେରେଜୋ ମ୍ୟୁଜିକ୍ ପରିବେଷଣ କରିବେ। ସେହିଭଳି ୮ରେ ଶ୍ରେୟା ଘୋଷାଲ, ୯ରେ ଶାନ୍, ୧୦ରେ ଋତୁରାଜ ଓ ନୁରାନୀ ସିଷ୍ଟର୍ସଙ୍କ ସୁଫି ସଙ୍ଗୀତ, ୧୨ରେ କ୍ରିଷ୍ଣା ବେଉରା ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ୧୪ରେ ଫରାନ୍ ଅଖତରଙ୍କ ଫରାନ୍ ଲାଇଭ୍ ଏବଂ ୧୬ରେ ଶଙ୍କର, ଏହସାନ୍, ଲୟ ଆକର୍ଷଣ ରହିବେ। ଏଥିପାଇଁ ପ୍ରଦର୍ଶନୀ ପଡ଼ିଆକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଟ୍ରାଫିକ୍ କିଭଳି ସୁବ୍ୟବସ୍ଥିତ ହେବ, ସେଥିପାଇଁ ପ୍ରସ୍ତୁତି କରାଯାଇଥିବା ବେଳେ ପାର୍କିଂ ପାଇଁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବସ୍ଥା ହୋଇଛି। ଏହାସହ ସହରର ବିଭିନ୍ନ ପାର୍କ ଏବଂ ଐତିହ୍ୟସ୍ଥଳୀରେ ଆର୍ଟ ଟ୍ରେଲ୍, ନେଚର ୱାକ୍, ମ୍ୟୁଜିୟମ୍ ୱାକ୍, ହେରିଟେଜ୍ ୱାକ୍ ଆଦିର ଆୟୋଜନ କରାଯାଇଛି।



ଛାତ୍ରୀମାନେ ହକି ବିଶ୍ୱକପ୍ ମ୍ୟାଚ୍ ଦେଖିବାକୁ ଟିକେଟ ଧରି ଧାଡ଼ିବାନ୍ଧି ଯାଉଛନ୍ତି।

# ଓଡ଼ିଶା ପୋଲିସ ଷ୍ଟଲରେ ବିଦେଶୀ ଅତିଥିଙ୍କ ଭିଡ଼

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)–** ହକି ବିଶ୍ୱକପ ପାଇଁ ଫ୍ୟାନ ଭିଲେଜରେ ଓଡିଶା ପୋଲିସ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଖୋଲାଯାଇଥିବା ଷ୍ଟଲରେ ବିଦେଶୀ ଅତିଥିମାନଙ୍କ ଭିଡ ଜମୁଛି। ଓଡିଶା ପୋଲିସ ଦ୍ୱାରା ସଜାଇ ରଖାଯାଇଥିବା ବିଭିନ୍ନ ଅସ୍ତ୍ରଶସ୍ତ୍ରକୁ ଦେଶ ବିଦେଶର ନାଗରିକମାନେ ବେଶ୍ ଉତ୍ସାହର ସହିତ ଦେଖିବା ସହ ଫଟୋ ଉଠାଉଛନ୍ତି। ଖେଳାଳିମାନେ ଏଠାରେ ବୁଲିବାବେଳେ ଅସ୍ତ୍ରଶସ୍ତ୍ର ଦେଖି ସେଲ୍ଫି ନେଉଛନ୍ତି। ଶନିବାର ଅପରାହ୍ନ ୪ଟା ବେଳେ ଓଡିଶା ପୋଲିସ ପକ୍ଷରୁ ଫ୍ୟାନ ଭିଲେଜରେ ହକି ଉପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ସମସ୍ତେ ଭାଗନେବାର ସୁଯୋଗ ରହିଛି। ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



# 'ମେ ଆଇ ହେଲ୍ପ ୟୁ'

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଦେଶ ଏବଂ ଦେଶ ବାହାରୁ ଆସିଥିବା ଦର୍ଶକ ଓ ପର୍ଯ୍ୟଟକଙ୍କ ସହାୟତା ଲାଗି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଖୋଲିଛି 'ମେ ଆଇ ହେଲ୍ପ ୟୁ' ଡେସ୍କ। ବିଶ୍ୱକପ୍ର ହୋଷ୍ଟ ପାର୍ଟନର ଥିବା ଓଡ଼ିଶା ପର୍ଯ୍ୟଟନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସହରରେ ଏହି ହେଲ୍ପ ଡେସ୍କମାନ ଖୋଲାଯାଇଛି। ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଛକ




ଓ ରାସ୍ତାଘାଟ ସହ କଳିଙ୍ଗ ଷ୍ଟାଡିୟମ୍ର ଫ୍ୟାନ୍ ଭିଲେଜ ଏବଂ ପ୍ରଦର୍ଶନୀ ପଡ଼ିଆରେ ଏହି ହେଲ୍ପ ଡେସ୍କ ଉପଲବ୍ଧ ରହିଛି। ପର୍ଯ୍ୟଟକଙ୍କୁ ସହରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାରେ ସାହାଯ୍ୟ କରିବା ଓ ଗାଇଡ୍ କରିବା ପାଇଁ ଏଜି ଛକ, ମାଷ୍ଟରକ୍ୟାଣ୍ଟିନ୍ ଛକ, କଳ୍ପନା ଛକସ୍ଥିତ ହୋଟେଲ କଳିଙ୍ଗ ଅଶୋକ ସମ୍ମୁଖ, ଏୟାରପୋର୍ଟ ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ହେଲ୍ପ ଡେସ୍କ ଖୋଲିଥିବା ଦେଖିବାକୁ ମିଳୁଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀ ସମ୍ପର୍କିତ ବିସ୍ତୃତ ସୂଚନା ଓ ସ୍ୱତନ୍ତ୍ର ବ୍ରୋଚର୍ ମଧ୍ୟ ଏଠାରେ ଉପଲବ୍ଧ ହେଉଛି। ଏହାସହ ଯଦି କୌଣସି ପର୍ଯ୍ୟଟକ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାର ବ୍ୟବସ୍ଥା ହୋଇଛି।

## ବିଶ୍ୱକପ୍ ଲାଗି ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍

ଡିସେମ୍ବର ୧ରୁ କୋଣାର୍କ ମହୋତ୍ସବ ସହ ଚନ୍ଦ୍ରଭାଗା ବେଳାଭୂମି ଶଯ୍ୟାରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆରମ୍ଭ ହେଉଛି। ଏଥିପାଇଁ ପର୍ଯ୍ୟଟକଙ୍କ ଲାଗି ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ବିଶେଷକରି ଭୁବନେଶ୍ୱରରେ ହକି ବିଶ୍ୱକପ୍ ଚାଲିଥିବାରୁ ଏଥର ଅଧିକ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ କୋଣାର୍କ ଏବଂ ବାଲୁକା କଳା ମହୋତ୍ସବ ବୁଲିବାର ସମ୍ଭାବନା ରହିଛି। ତେଣୁ ଏ ନେଇ ପର୍ଯ୍ୟଟନ ବିଭାଗ ବ୍ୟାପକ ପ୍ରସ୍ତୁତି କରିଥିବା ବେଳେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ପ୍ରସ୍ତୁତ କରିଛି। ଗୋଟିଏ ଦିନ, ୨ ଦିନ ୨ ରାତି, ୩ ଦିନ ୩ ରାତି ଏବଂ ୫ ଦିନ ୫ ରାତି ପାଇଁ ଭିନ୍ନ ଭିନ୍ନ ପ୍ୟାକେଜ୍ ରହିଛି। ୧ ହଜାରରୁ ଆରମ୍ଭ କରି ୨୦ ହଜାର ପର୍ଯ୍ୟନ୍ତ ଥିବା ଏହି ପ୍ୟାକେଜ୍ରେ କୋଣାର୍କ ଓ ବାଲୁକା କଳା ମହୋତ୍ସବ ସହ କେତେକ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ବୁଲିବାର ବ୍ୟବସ୍ଥା ରହିଛି। ପ୍ୟାକେଜ୍ ଅନୁଯାୟୀ ଏଥିରେ ପୁରୀ ଜଗନ୍ନାଥ ମନ୍ଦିର, ସମୁଦ୍ରକୂଳ, ରଘୁରାଜପୁର ଐତିହ୍ୟ ଗ୍ରାମ, ଚିଲିକା ହ୍ରଦ ଓ ସାତପଡ଼ା ସହ ଭୁବନେଶ୍ୱରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର ବ୍ୟବସ୍ଥା କରାଯାଇଛି। ଓଟିଡିସିର ସ୍ୱତନ୍ତ୍ର ବସ୍ରେ ଗମନାଗମନ ସହ ପର୍ଯ୍ୟଟକଙ୍କ ପାଇଁ ଖାଦ୍ୟପେୟର ମଧ୍ୟ ବ୍ୟବସ୍ଥା ହୋଇଛି।







ଶୁକ୍ରବାର ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ ମ୍ୟାଚ୍କୁ ଦର୍ଶକ ଉପଭୋଗ କରୁଛନ୍ତି।

# ଗଲ୍ଫ ଖେଳିଲା ଆର୍ଜେଣ୍ଟିନା ଦଳ



ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)– ହକି ବିଶ୍ୱକପ୍ ଚାଲିଥିବାବେଳେ ଶୁକ୍ରବାର ଆର୍ଜେଣ୍ଟିନା ଦଳ ଗଲ୍ଫ ଖେଳିବା ପାଇଁ ଗଲ୍ଫ କ୍ଲବ୍ ଯାଇଥିଲା। ସବୁଜ ପରିବେଶ ସହିତ ଛୋଟିଆ ଢିପରେ ଟିମ୍ର ୧୨ଜଣ ଖେଳାଳି ସେଠାରେ ଗଲ୍ଫ ଖେଳର ମଜା ନେଇଥିଲେ। ଦୀର୍ଘ ସମୟ ଧରି ସେମାନେ ଖେଳିଥିଲେ। ଗଲ୍ଫ କ୍ଲବ୍ ପରିସରରେ ଖେଳି ସମସ୍ତ ଖେଳାଳି ଅତ୍ୟଧିକ ଖୁସି ହୋଇଥିଲେ। ଫେରିବା ବେଳେ ସେମାନେ ଭିଜିଟର୍ସ ବୁକ୍ରେ ସେମାନଙ୍କର ରୋମାଞ୍ଚକର ଅନୁଭୂତିକୁ ବ୍ୟକ୍ତ କରିଛନ୍ତି। ଏଥିସହିତ କ୍ଲବ୍ର ହସ୍ପିଟାଲିଟିକୁ ମଧ୍ୟ ବହୁ ପ୍ରଶଂସା କରିଛନ୍ତି। କ୍ଲବ୍ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମସ୍ଜିଦ୍ ଗଲେ ପାକିସ୍ତାନ ଖେଳାଳି

ଭୁବନେଶ୍ୱର,୩୦।୧୧ (ବ୍ୟୁରୋ): ପାକିସ୍ତାନ ହକି ଦଳର ଖେଳାଳିମାନେ ଶୁକ୍ରବାର ସୈନିକ ସ୍କୁଲ ପାଖ ଗୌସିଆ ମସ୍ଜିଦ୍କୁ ଯାଇ ନମାଜ ପାଠ କରିଥିଲେ। ଟିମ୍ କୋଚ୍ ଏବଂ ଖେଳାଳିମାାନେ ସ୍ଥାନୀୟ ମୁସ୍ଲିମ୍ ସମ୍ପ୍ରଦାୟ ଲୋକଙ୍କ ସହ ମିଶି ନମାଜ ପାଠ କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ଆସିଥିବା ଖେଳାଳିମାନେ ମସ୍ଜିଦ୍ରେ ପ୍ରାୟ ୩୦ ମିନିଟ୍ ବିତାଇଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ପାକ୍ କୋଚ୍ କହିଥିଲେ, ଶନିବାର ମ୍ୟାଚ୍ ପାଇଁ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଟିମ୍ ଇଣ୍ଡିଆ ଏବେ ଜବରଦସ୍ତ ଫର୍ମରେ ଅଛି। ହୋମ୍ଗ୍ରାଉଣ୍ଡ ଯୋଗୁ ଭାରତ ସପକ୍ଷରେ ମ୍ୟାଚ୍ଗୁଡ଼ିକ ଯିବାର ଅଧିକ ସମ୍ଭାବନା ରହିଛି। ଭାରତ ଏବଂ ପାକିସ୍ତାନ ଫାଇନାଲରେ ପରସ୍ପରକୁ ଭେଟିବା ନେଇ ସେ ଆଶାବାଦୀ ଥିବା କହିଥିଲେ। ରାଜ୍ୟ ସରକାରଙ୍କ ଆୟୋଜନକୁ ସେ ବେଶ୍ ପ୍ରଶଂସା କରିଥିଲେ।





ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହା ଦୁଃଖଦାୟକ।
- ଆଇନଷ୍ଟାଇନ୍



### ଅତଳ ଜଳରେ ଭକ୍ତର ଡାକ ଶୁଣିଥିଲେ ମହାପ୍ରଭୁ

# ଶ୍ରୀମନ୍ଦିରକୁ ଦାନରେ ମିଳିଥିଲା ବୃହତ୍ ଘଣ୍ଟି

**ପୁରୀ ଅଫିସ, ୩୦।୧୧**

ଶ୍ରୀମନ୍ଦିର ପରିସରରେ ଥିବା ନୀଳାଦ୍ରି ବିହାର ସଂଗ୍ରହାଳୟକୁ ପ୍ରବେଶ କଲା ମାତ୍ରେ ବାମପାର୍ଶ୍ୱରେ ରହିଛି ଏକ ବୃହତ୍ ଘଣ୍ଟି। ଏହି ଘଣ୍ଟି କିପରି ସୁରକ୍ଷିତ ରହିପାରିବ, ସେଥିଲାଗି ଶୁକ୍ରବାର କଙ୍କ୍ରିଟ୍ ଷ୍ଟାଣ୍ଡ ତିଆରି କରାଯାଇଛି। ଏହି ବୃହତ୍ ଘଣ୍ଟି ଶ୍ରୀମନ୍ଦିରକୁ ଆସିବା ପଛରେ ଏକ ରୋଚକ କାହାଣୀ ରହିଛି। ସମୁଦ୍ରର ଅତଳ ଜଳରାଶିରେ ବିପଦରେ ପଡିଥିଲା ଏକ ଜାହାଜ। ଜାହାଜରେ ଥିବା ଜଣେ ଭକ୍ତ ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ତାଙ୍କ ଡାକ ଶୁଣି ସେଦିନ କାଳିଆ ଠାକୁର ଦେଖାଇଥିଲେ ଚମତ୍କାରିତା। ସମୁଦ୍ର ଗର୍ଭରୁ ଉଦ୍ଧାର ପାଇଥିଲା ଜାହାଜ ଏବଂ ରକ୍ଷା ପାଇଥିଲେ ସମସ୍ତ ଯାତ୍ରୀ। ଭକ୍ତ ବିଦେଶରୁ ପଣ୍ଡିଚେରୀକୁ ନେଇଯାଉଥିବା ଦୁର୍ମୂଲ୍ୟ ଘଣ୍ଟିକୁ ମହାପ୍ରଭୁଙ୍କୁ ସମର୍ପି ଦେଇଥିଲେ।




ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଐତିହ୍ୟ ଶତକ ପୁସ୍ତକ ଅନୁଯାୟୀ, ପର୍ତ୍ତୁଗୀଜ୍‌ମାନେ ଗୋଆ, ଡାମନ-ଡିଉ, ପଣ୍ଡିଚେରୀରେ ଶାସନ କରୁଥାନ୍ତି। ସେହି ସମୟରେ ପଣ୍ଡିଚେରୀରେ ଏକ ଗୀର୍ଜା ନିର୍ମାଣ କରାଯାଉଥିଲା। ଏହି ଗୀର୍ଜାରେ ଏକ ବଡ଼ ଘଣ୍ଟି ଲଗାଯିବା ପାଇଁ ଫ୍ରାନ୍ସରେ ବରାଦ ଦିଆଯାଇଥିଲା। କ୍ୟାପ୍‌ଟେନ ବିଟ୍ ଏହି ଘଣ୍ଟିକୁ ଏକ ଯାତ୍ରୀବାହୀ ଜାହାଜରେ ଭାରତ ଆଣୁଥିଲେ। କଲିକତା ଦେଇ ଜାହାଜଟି ଓଡ଼ିଶା ଉପକୂଳରେ ପହଞ୍ଚିଲା। ସେତେବେଳେ ଭୟଙ୍କର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଥିଲା। ସେହି ସମୟରେ ଏକ ବଡ଼ ସାମୁଦ୍ରିକ ଜୀବ ଜାହାଜ ଆଡ଼କୁ ଆସୁଥିବା ଜଣାପଡିଥିଲା। ଜାହାଜଟି ବୁଡ଼ିଯିବା ନିଶ୍ଚିତ ବୋଲି ଜାଣି କ୍ୟାପ୍‌ଟେନ ବିଟ୍ ବିପଦ ଘୋଷଣା କଲେ। ନିଜେ ପ୍ରାର୍ଥନା କରିବା ସହ ଅନ୍ୟମାନଙ୍କୁ ପ୍ରାର୍ଥନା କରିବାକୁ କହିଲେ। କିନ୍ତୁ କୌଣସି ଲାଭ ହେଲା ନାହିଁ। ଏହି ସମୟରେ କ୍ୟାପ୍‌ଟେନ ବିଟ୍ ଲକ୍ଷ୍ୟ କଲେ ଜାହାଜର ଉପରି ଭାଗ ଗୋଟିଏ କୋଣରେ ଜଣେ ଭାରତୀୟ ଫଟୋଟିଏ ରଖି ପ୍ରାର୍ଥନା କରୁଛନ୍ତି। ପଚାରିବାରୁ ସେ କହିଥିଲେ, ମୁଁ ମୋ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି। ତାଙ୍କ କୃପା ହେଲେ ଆମେ ସମସ୍ତେ ଏହି ମହାବିପଦରୁ ରକ୍ଷା ପାଇବା।

ଏହା ଶୁଣି କ୍ୟାପ୍‌ଟେନ ଆଣ୍ଠୁମାଡ଼ି ଶ୍ରୀଜଗନ୍ନାଥଙ୍କ ସାମ୍ନାରେ ବସି ପ୍ରାର୍ଥନା କଲେ। କିଛି ସମୟ ପରେ ଆଶ୍ଚର୍ଯ୍ୟଜନକ ଭାବେ ସାମୁଦ୍ରିକ ଝଡ଼ ଦୁର୍ବଳ ହୋଇଗଲା। କ୍ୟାପ୍‌ଟେନ ସମ୍ପୃକ୍ତ ଭାରତୀୟଙ୍କୁ କୁଣ୍ଢାଇ ଧରି ଭାବବିହ୍ୱଳ ହୋଇପଡିଲେ। ପ୍ରଭୁଙ୍କ କୃପାରୁ ଆମ ସମସ୍ତଙ୍କ ଜୀବନ ରକ୍ଷା ପାଇଗଲା। ମୁଁ ବା ମହାପ୍ରଭୁଙ୍କୁ କ'ଣ ପ୍ରତିଦାନରେ ଦେଇପାରିବି? ଯେଉଁ ଘଣ୍ଟିଟି ଗୀର୍ଜା ପାଇଁ ନେଉଥିଲି ତାହା ପ୍ରଭୁଙ୍କୁ ଉପହାର ସ୍ୱରୂପ ଦେଇଦେବି ବୋଲି କ୍ୟାପ୍‌ଟେନ ବିଟ୍ ସେହି ଭାରତୀୟଙ୍କୁ କହିଥିଲେ। ଜାହାଜଟି ପୁରୀ ଉପକୂଳରେ ପହଞ୍ଚିବା ପରେ ନିଜେ କ୍ୟାପ୍‌ଟେନ ଘଣ୍ଟିଟିକୁ ଶ୍ରୀମନ୍ଦିରକୁ ଦେବା ପାଇଁ କେତେଜଣ ନାବିକଙ୍କ ସହିତ ଓହ୍ଲାଇଥିଲେ। ଏହି ଘଣ୍ଟି ଉପରେ ଫ୍ରାନ୍ସ ଭାଷାରେ ଦାନପତ୍ର ସେ ନିଜେ ଲେଖାଇଥିଲେ। ଘଣ୍ଟି ସହିତ କିଛି ଦାନ ଦେଇ ସିଂହଦ୍ୱାରରେ ମୁଣ୍ଡିଆଟିଏ ମାରି ଫେରିଯାଇଥିଲେ କ୍ୟାପ୍‌ଟେନ ବିଟ୍।

ଏହାକୁ ନେଇ ପୁଣି ଏକ ଆଲୋଡ଼ନ ସୃଷ୍ଟି ହେଲା। ପାଦ୍ରୀମାନେ ଫ୍ରାନ୍ସ ସରକାରଙ୍କ ଉପରେ ଘଣ୍ଟିଟିକୁ ଫେରସ୍ତ ନେବା ଲାଗି ଚାପ ପକାଇଲେ। ବାଧହୋଇ ଫ୍ରାନ୍ସ ସରକାର ତତ୍କାଳୀନ ଭାରତୀୟ ବ୍ରିଟିଶ ସରକାରଙ୍କୁ ଘଣ୍ଟି ଫେରସ୍ତ ଲାଗି ଚିଠି ଲେଖିଥିଲେ। ବ୍ରିଟିଶ ସରକାର ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ ଘଣ୍ଟି ନେବା ଲାଗି ଚିଠି ଲେଖିଥିଲେ। କିନ୍ତୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କ ଯୁକ୍ତି ଥିଲା ମହାପ୍ରଭୁଙ୍କୁ ଦାନ ଦେବା ବସ୍ତୁ ଫେରସ୍ତ ଦିଆଯାଏ ନାହିଁ। ଏହାର ବହୁ ବର୍ଷ ପରେ ଭାରତ ସ୍ୱାଧୀନ ହେଲା। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପାଖରେ ମଧ୍ୟ ଏହି ଦାବି ରାଷ୍ଟ୍ରଦୂତଙ୍କ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ନେହେରୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ ଘଣ୍ଟି ଫେରାଇବା ଲାଗି ଅନୁରୋଧପତ୍ର ଲେଖିଥିଲେ, କିନ୍ତୁ କିଛି ଫଳ ହେଲାନାହିଁ।

ଏହି ଘଣ୍ଟିଟି ଶ୍ରୀମନ୍ଦିର ଜଗମୋହନର ଉତ୍ତରପାର୍ଶ୍ୱ ବାହାରେ ରଖାଯାଇଥିଲା। ମାତ୍ର ଖରା, ବର୍ଷା ଖାଇବା ପରେ ଏହାର କିଛି ଅଂଶ ଭାଙ୍ଗିଯାଇଥିଲା। ସେତେବେଳେ ପୂଜା ସମୟରେ ଏହାକୁ ବଜା ଯାଉଥିଲା। ଭାଙ୍ଗିଯିବା ପରେ ଏହା ବନ୍ଦ ରହିଥିଲା। କିଛିଦିନ ପରେ ନେପାଳ ମହାରାଜା ଏକ ଘଣ୍ଟି ଦେବାରୁ କ୍ୟାପ୍‌ଟେନ ବିଟ୍ ଦାନ କରିଥିବା ଘଣ୍ଟିଟିକୁ ନୀଳାଦ୍ରି ବିହାର ସଂଗ୍ରହାଳୟରେ ଭକ୍ତଙ୍କ ଦର୍ଶନ ନିମିତ୍ତ ରଖାଯାଇଛି।





ଶିବାନୀ


ଅମର


ବିଜୟ


ବିଜୟ


ଅର୍ପିତା


ରାହୁଲ


ପଦ୍ମ


ପ୍ରକାଶ

### ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ସାଇକେଲ ଯାତ୍ରା

# ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ୨ ଛାତ୍ର

**ପୁରୀ ଅଫିସ,୩୦।୧୧**





ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ କୋଣାର୍କରୁ ବ୍ରହ୍ମପୁର ଦେଇ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିଥିବା ୨ ଛାତ୍ର ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହି ଦୁଇଜଣ ହେଲେ ନିମାପଡ଼ା ମହାବିଦ୍ୟାଳୟର ସୌମ୍ୟରଞ୍ଜନ ବିଶ୍ୱାଳ ଓ ଦିଲୀପ ବିଶ୍ୱାଳ। ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସର ଏଡିଟୋରିଆଲ ଆସିଷ୍ଟାଣ୍ଟ ଆର୍ଯ୍ୟ ପ୍ରିୟଦର୍ଶିନୀ ମେଲ୍ ଯୋଗେ ଉଭୟଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସର ୨୦୧୯ ଏଡିଶନରେ ଏମାନେ ସ୍ଥାନ ପାଇଛନ୍ତି। ଆସନ୍ତା ଫେବୃୟାରୀ ୧୯ରେ ଏହି ଦୁଇ ଛାତ୍ରଙ୍କ ନିକଟକୁ ପ୍ରମାଣପତ୍ର ଏବଂ ଟ୍ରଫି ପଠାଯିବ ବୋଲି ପ୍ରିୟଦର୍ଶିନୀ ମେଲ୍‌ରେ ଉଲ୍ଲେଖ କରିଛନ୍ତି।

ଓଡ଼ିଶାର ଗହୀରମଥା, ରୁଷିକୁଲ୍ୟା ଏବଂ ପୁରୀ ଉପକୂଳକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ସଙ୍ଗମ ଏବଂ ଅଣ୍ଡାଦାନ ଲାଗି ଛୁଟି ଆସିଥାନ୍ତି। କିନ୍ତୁ ବେଆଇନ ଭାବେ ହେଉଥିବା ଟ୍ରଲର ଚଳାଚଳ ଏବଂ ଜାଲରେ ପଡି ଏମାନେ ମୃତ୍ୟୁବରଣ କରିଥାନ୍ତି। ପୁରୀ ଉପକୂଳକୁ ଅଣ୍ଡାଦାନ ଲାଗି ଆସୁଥିବା ଏହି କଇଁଛଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଣ୍ଟା ଭିଡ଼ିଥିଲେ ଅନ୍ତରଙ୍ଗର ସୌମ୍ୟରଞ୍ଜନ ଏବଂ ସାକ୍ଷୀଗୋପାଳର ଦିଲୀପ। ଦୁଇସାଙ୍ଗ ଗୋଟିଏ କଲେଜରେ ପଢୁଥିବା ବେଳେ ସେମାନେ କଇଁଛଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ନିଷ୍ପତ୍ତି ନେଇଥିଲେ। କଇଁଛ ମାସ୍କଟ ପରିଧାନ କରି ମାର୍ଚ୍ଚ ୭ରୁ କୋଣାର୍କରୁ ବାହାରି ବ୍ରହ୍ମପୁର ଦେଇ ୧୪ ତାରିଖରେ କେନ୍ଦ୍ରାପଡାରେ ପହଞ୍ଚିଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନକୁ ଯାଇ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

# ହକି ବିଶ୍ୱକପ୍: ଖୋଲିଲା 'ଖଦି ହାଟ'



**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ହକି ବିଶ୍ୱକପ ଉପଲକ୍ଷେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଜନପଥଠାରେ ଏକ ସ୍ୱତନ୍ତ୍ର ଖଦି ପ୍ରଦର୍ଶନୀ 'ଖଦି ହାଟ'ର ଆୟୋଜନ ହୋଇଛି। ବୋର୍ଡ ପରିସରରେ ହୋଇଥିବା ଏହି ପ୍ରଦର୍ଶନୀକୁ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଛନ୍ତି। ଏଠାରେ ୨୫ଟି ପ୍ରଦର୍ଶନୀ ବିକ୍ରୟ ମଣ୍ଡପ ଖୋଲାଯାଇଛି। ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥିରେ ଖଦି ସିଲ୍କର ମାରିଆବନ୍ଧି, ସମ୍ବଲପୁରୀ, ନୂଆପାଟଣା ଖଣ୍ଡୁଆପାଟ, ପଶାପାଲି, ତାରାବଳୀ, ହାତୀଯୋଡ଼ା ଖଣ୍ଡୁଆ, କୁମ୍ଭଶାଢ଼ି, ବିଚିତ୍ରାପୁରୀ, ଘରିକିଆ, କାର୍ଗିଲ କଟନ ଇତ୍ୟାଦି ଡିଜାଇନ୍‌ର ଶାଢ଼ି, ଯୋଡ଼ ଓ କପଡ଼ା ସହିତ ଟସରର ବିଭିନ୍ନ ଡିଜାଇନ୍‌ର ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ କରାଯାଉଛି। ଶୀତଦିନକୁ ଆଖିରେ ରଖି ଉଭୟ ମହିଳା ଓ ପୁରୁଷଙ୍କ ପାଇଁ କାଣ୍ଟିଆ ଚାଦର, ସ୍କାର୍ଫ, ଜ୍ୟାକେଟ୍, ପାରମ୍ପରିକ ଲୁଙ୍ଗି ଗାମୁଛା, ଚଦର ଇତ୍ୟାଦି ବିକ୍ରୟ ପାଇଁ ରହିଛି। ଏହାସହିତ ଖଦି ବସ୍ତ୍ର ତିଆରି ଉପରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଚେତନତା ନିମନ୍ତେ ପାରମ୍ପରିକ କିଷାନ ଚରଖା ଓ ନୂଆ ମଡେଲ ଚରଖାରେ ସୂତାକଟା ଓ ପାରମ୍ପରିକ ତନ୍ତ ଦ୍ୱାରା ଖଦି ବସ୍ତ୍ର ବୁଣେଇର ଜୀବନ୍ତ ପ୍ରଦର୍ଶନୀ ଓ ପ୍ରଜ୍ଞାପନ ମେଢ଼ ନିର୍ମାଣ କରାଯାଇଛି। ହକି ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଓ ବିକ୍ରୟମେଳା 'ଖଦି ହାଟ' ଚାଲୁ ରହିବ। ପ୍ରତିଦିନ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ବିପୁଳ ସଂଖ୍ୟାରେ ପରିଦର୍ଶନ କରିବେ ବୋଲି ବୋର୍ଡ ପକ୍ଷରୁ ଆଶା ରଖାଯାଇଛି। ଉଦ୍‌ଘାଟନ ସମୟରେ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା, ସଚିବ ସରୋଜ ପଟେଲ, ଇଣ୍ଡିଆନ ବ୍ୟାଙ୍କର ମଣ୍ଡଳ ପ୍ରବନ୍ଧକ ଶଶିଭୂଷଣ ଦାଶ, ଉପସଚିବ ତ୍ରିଯୋଗୀ ନାରାୟଣ ଦାଶ୍, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଉପନିର୍ଦ୍ଦେଶକ ଏସ୍. କେ. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ଶେଷ

**ପୁରୁଣା ଭୁବନେଶ୍ୱର,୩୦।୧୧(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ନୀତିକାନ୍ତି ଶୁକ୍ରବାର ଶେଷ ହୋଇଛି। ଏଥିସହ ସନ୍ଧ୍ୟାରେ ଶ୍ରୀଜୀଉମାନେ ମାମୁ ଘର ନିକଟସ୍ଥ ମୈତ୍ରେୟେଶ୍ୱର ଦେବଙ୍କ ପୀଠକୁ ଯାତ୍ରା କରିବା ସହ ନୂତନ ବସ୍ତ୍ର ପରିଧାନ ପୂର୍ବକ ପୋଢୁଆଁ କାର୍ଯ୍ୟ ମଧ୍ୟ ସମାପନ ହୋଇଛି। ଠାକୁରଙ୍କ ଦୈନଦିନ ନୀତି ଆଳତି ଅବକାଶ ସାହାଣମେଳା ଦର୍ଶନ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତି ସମ୍ପନ୍ନ ହୋଇଥିଲା। ପରେ ଭୋଗ ମଣ୍ଡପ ଶେଷ ହୋଇଥିଲା। ଏହାପରେ ଯାତ୍ରା ପୂଜା ଆରମ୍ଭ ହୋଇଥିଲା। ଠାକୁର ସୁସଜିତ ବିମାନ ଓ ପାଲିଙ୍କିରେ ବିରାଜ ମାନ କରିଥିଲେ। ରାତିରେ ମଶାଲ, କାହାଳୀ ଘଣ୍ଟ ଘଣ୍ଟା ଶୋଭାଯାତ୍ରାରେ ମାମୁଘର ମୈତ୍ରେୟେଶ୍ୱର ଯାତ୍ରା କରିଥିଲେ ଦିଅଁ। ସେଠାରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପ୍ରଥମାଷ୍ଟମୀ ନୀତିକାନ୍ତି। ମୈତ୍ରେୟେଶ୍ୱର ମନ୍ଦିରକୁ ଲାଗି ରହିଥିବା ଐତିହ୍ୟ ପାପନାଶିନୀ ପୁଷ୍କରିଣୀ ଜଳରେ ସ୍ନାନ କରିଥିଲେ ଠାକୁର। ପରେ ସେଠାରେ ଥିବା ପୂଜା ବେଦିରେ ଅନ୍ୟ ପୂଜାର୍ଚ୍ଚନା ସହ ନୂତନ ବସ୍ତ୍ର ପରିଧାନ କରିବା ସହ ପାଳିଆ ସେବାୟତ ଠାକୁରଙ୍କୁ ପୋଢୁଆଁ କରିଥିଲେ। ସୂଚନାଥାଉ କି ସ୍ୱୟଂ ଶ୍ରୀଲିଙ୍ଗରାଜ ମହାପ୍ରଭୁ ପାପନାଶିନୀ ଜଳରେ ସ୍ନାନ କରିଥିବାରୁ ଏହି କୁଣ୍ଡର ମାହାତ୍ମ୍ୟ ରହିଛି।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ବିଜ୍ଞାନମେଳାରେ ୫୦ ପ୍ରକଳ୍ପ ପ୍ରଦର୍ଶିତ



**ଭୁବନେଶ୍ୱର,୩୦।୧୧:** ମଳିପଡ଼ା ଏବଂ ଶହୀଦନଗରର ଚାଣକ୍ୟ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦେବରାୟ କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ର.ବିଜୟ କୁମାର ରାଉତ ଯୋଗଦେଇ ବିଜ୍ଞାନର ମହତ୍ତ୍ୱ ଓ ଏଥିପ୍ରତି ରୁଚି ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ବିଦ୍ୟାଳୟର ସଭାଧକ୍ଷ ଜ୍ୟୋତି ଶଙ୍କର ମହାନ୍ତି ଏବଂ ନିର୍ଦ୍ଦେଶିକା ଡ.ଏଲୋରା ମହାନ୍ତି ବିଜ୍ଞାନର ଉପାଦେୟତା ଉପରେ ବୁଝାଇ ଥିଲେ। ପରେ ବିଦ୍ୟାଳୟ ଅଧକ୍ଷ ରବିନାରାୟଣ ପ୍ରଧାନ ଓ ତୃପ୍ତିମୟୀ ଆଚାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନୁବର୍ତ୍ତିତା ହେବା ପାଇଁ କହିଥିଲେ।

### ୩ ରାଜପଥ ଲୁଟେରା ଗିରଫ

**ଯାଁଳା,୩୦।୧୧ (ଡି.ଏନ.ଏ.):** ରାଜପଥର ପାତ୍ରପଡାଠାରୁ ପୀତାପଲ୍ଲି ପର୍ଯ୍ୟନ୍ତ ଲୁଟ୍ କରୁଥିବା ଲୁଟେରାଙ୍କୁ ଜୁଲାଇ ୨୭ ତାରିଖରେ ଗିରଫ କରି ଯାଁଳା ଫାଣ୍ଡି ପୋଲିସ କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଜଟଣୀ ଥାନା ଯାଁଳା ଫାଣ୍ଡି ପୋଲିସ ପୁଣି ୩ ଜଣ ରାଜପଥ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଗିରଫ ୩ ଜଣ ହେଲେ ଯାଁଳା ହରିଜନ ସାହିର ସନ୍ତୋଷ ନାୟକ(୨୨), ଜାଗମରା ତଳସାହି ଖଣ୍ଡଗିରି ଅଞ୍ଚଳର ରବିନାରାୟଣ ସାହୁ(୨୦), ଫିଙ୍କୁନ ସାହୁ(୨୨)। ଏମାନଙ୍କ ଆକ୍ରମଣରେ ଜଣେ ମହିଳା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏମାନଙ୍କୁ ଜଟଣୀ ଥାନା ନଂ. ୩୮୧/୧୮, ୪୦୦/୧୮ ଓ ୪୦୨/୧୮ରେ ମାମଲା ରୁଜୁ କରି ପୋଲିସ ଗିରଫ କରିଛି।

### ଦୁର୍ଘଟଣା: ଜଣେ ମୃତ

**ଖୋର୍ଦ୍ଧା ଅଫିସ,୩୦।୧୧:** କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର କୁରାଡ଼ମଲ୍ଲଠାରେ ଶୁକ୍ରବାର ରାତି ପ୍ରାୟ ୯ଟା ୧୫ ମିନିଟ୍ରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ସିଦ୍ଧେଶ୍ୱରପୁର ଗାଁର ରାକେଶ ନାୟକ(୨୨)। ଆହତ ହେଲେ ମେହେନ୍ତିପୁର ଶାନ୍ତନୁ ଦାଶ ଓ କୁରାଡ଼ମଲ୍ଲର ସନ୍ତୋଷ ସାମନ୍ତରାୟ। ସିଦ୍ଧେଶ୍ୱରପୁର ଗାଁର ରାକେଶ ଓ ମେହେନ୍ତିପୁର ଶାନ୍ତନୁ ଏକ ବିବାହ ଭୋଜିରେ ଯୋଗ ଦେଇ ଗାଁ ଅଭିମୁଖେ ଫେରୁଥିଲେ। କୁରାଡ଼ମଲ୍ଲର ସନ୍ତୋଷ ସାମନ୍ତରାୟ ପାଦରେ ଚାଲି ଯାଉଥିବା ବେଳେ ବାଇକ୍ ଧକ୍କା ଦେଇ ପ୍ରାୟ ୧୦ ମିଟର ଦୂର ଡିଭାଇଡରକୁ ଧକ୍କା ଦେଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାକେଶଙ୍କ ମୃତ୍ୟୁ ହୋଇଥିଲା।

■ ନିଶା ଖାଇବା ପାଇଁ ମୋବାଇଲ ଲୁଟୁଥିଲେ

# ୩ ଗ୍ୟାଙ୍ଗ୍ର ୯ ଗିରଫ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

■ ୩୫ ମୋବାଇଲ ଜବତ

■ ସଫ୍ଟୱେର ବଦଳାଇ ବାହାର ରାଜ୍ୟକୁ ଚାଲାଣ କରୁଥିଲେ

ନିଶା ଖାଇବା ପାଇଁ ଟଙ୍କା ଯୋଗାଡ଼ ଲାଗି ମୋବାଇଲ୍ ଲୁଟୁଥିଲେ। ପରେ ତା'କୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ରାଜଧାନୀରେ ଏଭଳି ଲୁଟ୍ପାଟ କରୁଥିବା ୩ଟି ଗ୍ୟାଙ୍ଗ୍କୁ ଠାବ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଗ୍ୟାଙ୍ଗ୍ର ୯ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩୫ଟି ଦାମୀ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଲକ୍ଷ୍ମୀସାଗର, ବଡ଼ଗଡ଼ ଓ ଜଟଣୀ ଥାନା ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।



ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ ଫୋନ୍।

ଲକ୍ଷ୍ମୀସାଗର ଅଞ୍ଚଳରୁ ଗିରଫ ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ସୁଶାନ୍ତ ମହାରଣା (୧୯) ଓ ଭୀମପୁର ଭୋଇସାହିର ଅଶ୍ୱିନୀ ପ୍ରଧାନ (୨୦)। ସେମାନଙ୍କ ନାଁରେ ଏକ ମାମଲା (୩୦୩/୧୮) ରୁଜୁ ହୋଇଛି। ସେହିଭଳି ବଡଗଡ ଥାନା ଅଞ୍ଚଳରୁ କେଦାରପଲ୍ଲୀ ବସ୍ତିର ବିବେକାନନ୍ଦ ଦଳାଇ (୨୨), ପିଏଚ୍ଡି ସାହିର ସୋନୁ ନାୟକ(୨୫), ଲିପୁ ନାୟକ (୨୨), କେଦାରପଲ୍ଲୀର ପ୍ରଦୀପ ନାୟକ (୨୧)ଙ୍କୁ ପୋଲିସ ଗିରଫ କରିଥିବାବେଳେ ଏ ନେଇ ଥାନାରେ ଏକ ମାମଲା (୩୩୬/୧୮) ରୁଜୁ ହୋଇଛି। ଏହାବ୍ୟତୀତ ଜଟଣୀ ଥାନାର ଏକ ମାମଲା (୪୦୦/୧୮)ରେ ଧର୍ମବିହାରର ରବି ନାରାୟଣ ସାହୁ(୨୦), ଯାଁଳାର ସନ୍ତୋଷ ନାୟକ (୨୨) ଓ ଜାଗମରାର ପିଙ୍କୁନ ସାହୁ (୨୪)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ଲାଗି ରାଜଧାନୀରେ ବିଭିନ୍ନ ଦେଶର ନାଗରିକ ଏବଂ ପର୍ଯ୍ୟଟକ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାରୁ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଛନ୍ତି। ଭିଡର ସୁଯୋଗ ନେଇ ସେମାନେ ଲୁଟପାଟ କରୁଛନ୍ତି। ବିଶେଷକରି ପାର୍କ ଓ ଜାତୀୟ ରାଜପଥରେ ଅନ୍ୟମନସ୍କ ରହୁଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ମୋବାଇଲ ଲୁଟ କରି ଚମ୍ପଟ ମାରୁଛନ୍ତି। ପରେ ଚୋରି ମୋବାଇଲର ସଫ୍ଟୱେର ବଦଳାଇ କମ୍ ମୂଲରେ ବାହାର ରାଜ୍ୟକୁ ଚାଲାଣ କରନ୍ତି ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ସମସ୍ତ ଅଭିଯୁକ୍ତ ନିଶା ଖାଇବା ପାଇଁ ଏଭଳି ଲୁଟ୍ କରୁଥିବା ସ୍ୱୀକାର କରିଛନ୍ତି ବୋଲି କମିଶନର କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଜଟଣୀରୁ ଖଣ୍ଡଗିରି ଆସୁଥିବା ଜଣେ ବିଦେଶିନୀଙ୍କଠାରୁ ଲାପଟପ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ଲୁଟ୍ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ କମିଶନର ସ୍ପେଶାଲ ସ୍କ୍ୱାଡ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ।



ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଲୁପ୍ତପ୍ରାୟ ଲୋକକଳା ଉତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ପରିବେଷିତ ଧୁଡୁକି ନାଚ।

## ଆଜିଠୁ କୋଣାର୍କ ମହୋତ୍ସବ

**କୋଣାର୍କ, ୩୦।୧୧(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ ଶନିବାରଠାରୁ ଡିସେମ୍ବର ୫ ବୁଧବାର ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ କୋଣାର୍କ ମହୋତ୍ସବ। ଏଥିପାଇଁ କୋଣାର୍କ-ପିପିଲି ରାସ୍ତାର ମାଧିପୁର ଛକଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ତୋରଣ, ଚାନ୍ଦୁଆ ଓ ଲିରୁରେ କୋର୍ଣାକକୁ ନବବଧୂ ପରି ସଜାଯାଇଛି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପର୍ଯ୍ୟଟନ ବିଭାଗ ସହିତ ପୁରୀ ଜିଲା ପ୍ରଶାସନ ଓ କୋଣାର୍କ ଏନ୍ଏସି ମିଳିତ ଉଦ୍ୟମ ଚଳାଇଛନ୍ତି। ସୂର୍ଯ୍ୟମନ୍ଦିର ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ନୃତ୍ୟ ପରିବେଷଣ କରାଯିବ। ଓଡ଼ିଶୀ ସହ ଭାରତନାଟ୍ୟମ୍, କଥକ, କୁଚିପୁଡି, ସତ୍ରିୟ ନୃତ୍ୟ ପରିବେଷଣ କରାଯିବ। ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ୧ତାରିଖ ସକାଳ ୭ଟାରେ ଗଣଦୌଡ଼ ଆୟୋଜିତ ହେବ। ଏତଦ୍ବ୍ୟତୀତ ୨୦୧୫ରୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଉତ୍ସବ ସମୟରେ ସାହିତ୍ୟ ଆସରକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, କବି ଓ ସାହିତ୍ୟପ୍ରେମୀଙ୍କର ସମାଗମ ହେବ। ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାପ୍ରେମୀ ଦର୍ଶକଙ୍କ ନିମନ୍ତେ ଟୁର୍ ପ୍ୟାକେଜ୍ ଓ ସିଜନ ଟିକେଟ୍ର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କୋଣାର୍କ ଅର୍ବାନ ହାଟ ପରିସରରେ ତୃତୀୟ ଥର ପାଇଁ କୋଣାର୍କ ପୁସ୍ତକ ମେଳା କମିଟି, କୋଣାର୍କ ସାହିତ୍ୟ ଉତ୍ସବ ଓ ଅର୍କଶ୍ରୀ ପକ୍ଷରୁ ପୁସ୍ତକମେଳା ଅନୁଷ୍ଠିତ ହେବ। ଚନ୍ଦ୍ରଭାଗାଠାରେ ପ୍ରଥମଥର ପାଇଁ ଚଳିତ ବର୍ଷ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି।

## 'ରୋଡ୍ ଟୁ ଏକ୍ସିଲେନ୍ସ' ବକ୍ତୃତା

**ଭୁବନେଶ୍ୱର,୩୦।୧୧**



ଏସିଆନ୍ ସ୍କୁଲ୍ ଅଫ୍ ବିଜନେସ ମ୍ୟାନେଜମେଣ୍ଟ (ଏଏସ୍ବିଏମ୍) ଆନୁକୂଲ୍ୟରେ 'ରୋଡ୍ ଟୁ ଏକ୍ସିଲେନ୍ସ' ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗ, ଧ୍ୟାନ, ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦ ଯୋଗ ଦେଇଥିଲେ। ଦୃଢ ମନୋବଳ ଏବଂ ଅବିରତ ଅଭ୍ୟାସ ଦ୍ୱାରା ହିଁ ଜୀବନରେ ଉତ୍କର୍ଷ ହାସଲ କରାଯାଇ ପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ ସ୍ୱାମିଜୀଙ୍କୁ ସ୍ମୃତି ଫଳକ ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ କଟୁରିରେ ହାଣି ସ୍ୱାମୀ ଗିରଫ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ପାରିବାରିକ କଳହରୁ ସ୍ତ୍ରୀଙ୍କୁ ସ୍ୱାମୀ କଟୁରିରେ ହାଣିଛନ୍ତି। ଏଭଳି ଘଟଣା ଘଟିଛି ନୟାପଲ୍ଲୀ ଥାନା ସାଲିଆସାହିରେ। ସ୍ତ୍ରୀ ରୁପମ ପୋଥାଳ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ହାତ, ଜଙ୍ଘ, ଗୋଡ ଓ ପିଠିରେ କ୍ଷତ ସୃଷ୍ଟି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ସ୍ୱାମୀ କୃପାସିନ୍ଧୁ ପୃଷ୍ଟିଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, କୃପାସିନ୍ଧୁ ଏକ ମାସ ହେବ ରୁପମଙ୍କୁ ବିବାହ କରିଥିଲେ। ବାହାଘରର କିଛିଦିନ ପରେ କୃପାସିନ୍ଧୁ ନିଶା ଖାଇ ସ୍ତ୍ରୀ ରୁପମଙ୍କୁ ମାଡ ମାରୁଥିଲେ। ଏପରି କି ନିଶା ଖାଇବା ପାଇ ଟଙ୍କା ନ ମିଳିବାରୁ ବାପ ଘରୁ ଟଙ୍କା ଆଣିବା ପାଇଁ ବାଧ୍ୟ କରୁଥିଲେ। ଗୁରୁବାର ରାତି ପ୍ରାୟ ୯ଟାରେ ନିଶା ଖାଇବା ପାଇଁ ରୁପମ୍ଙ୍କୁ ଟଙ୍କା ମାଗିଥିଲେ। ହେଲେ ସ୍ତ୍ରୀ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କୃପାସିନ୍ଧୁ ଏକ କଟୁରୀରେ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଫୋନ କରିବା ପରେ ପୋଲିସ ପହଞ୍ଚି କୃପାସିନ୍ଧୁଙ୍କୁ କାବୁ କରିବା ସହ ରୁପମଙ୍କୁ ହସ୍ପିଟାଲକୁ ନେଇଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପୁରୁଣା ଭୁବନେଶ୍ୱର,୩୦।୧୧(ଡି.ଏନ.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ସୁନ୍ଦରପଦା ଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ହରିଆଛକଠାରୁ ଆରମ୍ଭ ହୋଇ ସୁନ୍ଦରପଦାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଶଙ୍କର ବଜାରଠାରେ ସମ୍ପୂର୍ଣ୍ଣ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ତାହାର ସଫଳ ପ୍ରଭାବ ଉପରେ ସ୍ଲୋଗାନ ଦେଇଥିଲେ ଦଳୀୟ କର୍ମୀ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍ପି ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ପୁଷ୍ପା ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସୁବାସ ସୁନ୍ଦରାୟ, ଜିତେନ୍ଦ୍ର ନନ୍ଦ ପ୍ରମୁଖ ସାମିଲ ଥିଲେ।




ସୁନ୍ଦରପଦାଠାରେ ଆୟୋଜିତ ବିଜେଡି ଜନସମ୍ପର୍କ ପଦଯାତ୍ରା।

## ୨୮ରୁ ତୋଷାଳୀ ଜାତୀୟ କ୍ରାଫ୍ଟ ମେଳା

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

■ ଖୋଲିବ ୩୮୦ ହସ୍ତତନ୍ତ ଓ ହସ୍ତଶିଳ୍ପ ଷ୍ଟଲ

■ ଯୋଗଦେବେ ୧୦୦୦ ବୁଣାକାର, କାରିଗର

ଆସନ୍ତା ୨୮ ତାରିଖରୁ ତ୍ରୟୋଦଶ ତୋଷାଳୀ ଜାତୀୟ କ୍ରାଫ୍ଟ ମେଳା ଜନତା ମଇଦାନଠାରେ ଆରମ୍ଭ ହୋଇ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ମେଳାରେ ପାଖାପାଖି ୩୮୦ଟି ହସ୍ତତନ୍ତ ଓ ହସ୍ତଶିଳ୍ପ ଷ୍ଟଲ ଖୋଲାଯିବ। ମେଳାରେ ଥିମ୍ ପ୍ୟାଭିଲିଅନ୍ର ଶୀର୍ଷକ 'ତନ୍ତୁ କୃତି' ରଖାଯାଇଛି। ପ୍ୟାଭିଲିଅନ୍କୁ ପ୍ରାକୃତିକ ତନ୍ତୁ ଯଥା ଖୋଟ, କତା, ଟସର ପ୍ରସ୍ତୁତ ସାମଗ୍ରୀରେ ସଜ୍ଜିତ କରାଯିବ। ମେଳାର ସାଜସଜ୍ଜା ସମେତ ସୁରକ୍ଷା ବ୍ୟବସ୍ଥା, ଯାନବାହନ ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୋଷାଳୀ ମେଳାର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମେଳା ଆୟୋଜନ ପାଇଁ ୧୩ଟି ସବ୍କମିଟି ଗଠନ କରାଯାଇଛି। ଫୁଡ୍ କୋର୍ଟରେ ୩୦ଟି ଷ୍ଟଲରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ବିଭିନ୍ନ ରାଜ୍ୟର ଖାଦ୍ୟ ସାମଗ୍ରୀ ଉପଲବ୍ଧ ହେବ। ଉଦ୍ଘାଟନୀ ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦୦୦ ବୁଣାକାର ଓ କାରିଗର ଯୋଗଦେବେ। ସେମାନଙ୍କ ସାମଗ୍ରୀ ବିକ୍ରିବଟା କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ନିମନ୍ତେ କ୍ଷେତ୍ର ଅଧିକାରୀମାନେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭାଗୀୟ ସଚିବ ଶୁଭା ଶର୍ମା, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସ, ସିଡାକର ସଦସ୍ୟ ସଚିବ ଶିତିକାନ୍ତ ଷଡ଼ଙ୍ଗୀ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଏଟିଏମ୍ ନମ୍ବର ନେଇ ଲୁଟିଲେ ୧.୫ ଲକ୍ଷ ଟଙ୍କା

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ନୂଆ ଏଟିଏମ୍ କାର୍ଡ କରାଇଦେବା ଆଳରେ ଦେଢ ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ନୟାପଲ୍ଲୀ ଥାନା ତାରିଣୀନଗରରେ ରହୁଥିବା କିଶୋରଚନ୍ଦ୍ର ପ୍ରଧାନ ଏହି ଅଭିଯୋଗ କରିଛନ୍ତି। ସାଇବର ଅପରାଧ ଜନିତ ମାମଲା ହୋଇଥିବାରୁ ତାଙ୍କୁ କଟକ ସାଇବର ଥାନାରେ ଅଭିଯୋଗ କରିବା ପାଇଁ ପୋଲିସ କହି ପଠାଇ ଦେଇଛି।

ସୂଚନା ଅନୁଯାୟୀ, କିଶୋରଚନ୍ଦ୍ର ନୟାପଲ୍ଲୀ ଥାନ ତାରିଣୀ ନଗରରେ ରହି ଏକ ଘରୋଇ ହସ୍ପିଟାଲରେ ଟେକ୍ନିସିଆନଭାବେ କାମ କରନ୍ତି। ତାଙ୍କର ଓଡ଼ିଶା ଷ୍ଟେଟ୍ କୋ-ଅପରେଟିଭ୍ ବ୍ୟାଙ୍କ୍ରେ ଏକ ଆକାଉଣ୍ଟରହିଛି। ତାଙ୍କର ପୁରୁଣା ଏଟିଏମ୍ କାର୍ଡର ସମୟସୀମା ଶେଷ ହୋଇଯାଇଥିଲା। ତେଣୁ ସେ ନୂଆ ଏଟିଏମ୍ କାର୍ଡ ପାଇଁ ଉକ୍ତ ବ୍ୟାଙ୍କ୍କୁ ଦୁଇ ଦିନ ତଳେ ଯାଇଥିଲେ। ବ୍ୟାଙ୍କ୍ କର୍ମଚାରୀ ତାଙ୍କୁ ୭ ଦିନ ପରେ ନୂଆ ଏଟିଏମ୍କାର୍ଡ ପାଇଯିବେ ବୋଲି କହିଥିଲେ। ଗୁରୁବାର କିଶୋରଚନ୍ଦ୍ରଙ୍କ ଫୋନ୍କୁ ଏକ ଅଜଣାକଲ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କର ଜଣେ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଆବେଦନ କରିଥିବା ଏଟିଏମ୍କାର୍ଡ ପାଇବା ପାଇଁ ଟଙ୍କା ଥିବା ଅନ୍ୟ ଏକ କାର୍ଡର ନମ୍ବର ଦେବାକୁ କହିଥିଲେ। ତେବେ ଅନ୍ୟ କାର୍ଡର ନମ୍ବର ନେବାପରେ ତତ୍କ୍ଷଣାତ୍ ସେହି ଆକାଉଣ୍ଟରୁ ଏକ ଲକ୍ଷ ଟଙ୍କା କଟି ଯାଇଥିଲା। ପରେ ଲୁଟେରା ଜଣଙ୍କ ଫୋନ୍ କରି କିଶୋରଚନ୍ଦ୍ର ଦେଇଥିବା ଏଟିଏମ୍ କାର୍ଡର ନମ୍ବର ମ୍ୟାଚ ହେଉନାହିଁ ବୋଲି କହିଥିଲେ। ତେଣୁ ତୁମେ ଆଉ କାହାର ନମ୍ବର ଦିଅ। ଶେଷରେ ବାଧ୍ୟ ହୋଇ କୃଷ୍ଣଚନ୍ଦ୍ର ତାଙ୍କ ଝିଅର ଆଉ ଏକ ଏଟିଏମ୍ କାର୍ଡର ନମ୍ବର ଦେଇଥିଲେ। ସେଥିରୁ ଅଭିଯୁକ୍ତ ପୁଣି ୫୦ହଜାର ଟଙ୍କା ଲୁଟି ନେଇଥିଲେ। ହେଲେ ପରେ କିଶୋରଚନ୍ଦ୍ର ମୋବାଇଲ୍ ମେସେଜ ଦେଖିବା ପରେ ଦୁଇଟି ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା କଟିଥିବା ଜାଣିବାକୁ ପାଇଥିଲେ।

## ପଞ୍ଚାୟତସ୍ତରୀୟ ଜନସମ୍ପର୍କ ପଦଯାତ୍ରା

**ବାଲିଅନ୍ତା,୩୦।୧୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ବେଣ୍ଟପୁର ପଞ୍ଚାୟତରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରାମଲୀଳା ପଡ଼ିଆରୁ ବାହାରି ଲେଙ୍କାସାହି, ଦୁଲାଦେଇ ସାହି, ଜଗନ୍ନାଥ ଛକ, ପୁରୁଣା ପାଟଣା, ବନ୍ଧମୂଳ ନାୟକ ସାହି ଓ ନୂଆପାଟଣା ସାହି ଦେଇ ପଞ୍ଚାୟତ ଛକରେ ଶେଷ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସରପଞ୍ଚ ରଶ୍ମିତା ପାତ୍ର, ବ୍ଲକ ବିଜେଡି ସଭାପତି ଅଚ୍ୟୁତାନନ୍ଦ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ଗାୟତ୍ରୀ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ସୁବଳ ଚରଣ ସାହୁ, ବେଣ୍ଟପୁର ପଞ୍ଚାୟତ ବିଜେଡି ସଭାପତି ନୃସିଂହ ଚରଣ ଜେନା, ବେଣ୍ଟପୁର ସମିତି ସଭ୍ୟ ତ୍ରୈଲୋକ୍ୟ ମଙ୍ଗରାଜ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ପୋଢୁଆଁ ହେଲେ ଶ୍ରୀକପିଳେଶ୍ୱର ଦେବ

**ପୁରୁଣା ଭୁବନେଶ୍ୱର,୩୦।୧୧(ଡି.ଏନ.ଏ.)**



ପ୍ରଥମାଷ୍ଟମୀ ଅବସରରେ ଶୁକ୍ରବାର ମହାପ୍ରଭୁ ଶ୍ରୀକପିଳେଶ୍ୱର ଦେବଙ୍କ ପୋଢୁଆଁ ନୀତିକାର୍ଯ୍ୟ ଶେଷ ହୋଇଛି। ଠାକୁରଙ୍କ ମାମୁ ଘର ନିକଟସ୍ଥ କୈବର୍ତ୍ତସାହିରେ ପୂଜା ପାଉଥିବା ଶ୍ରୀ ଝୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ ନୂତନ ବସ୍ତ୍ର ଆସିଥିଲା। ପ୍ରାତଃରୁ ଶ୍ରୀକପିଳେଶ୍ୱର ଦେବଙ୍କ ସୂର୍ଯ୍ୟପୂଜା, ଗଣେଶ ପୂଜା, ଭଣ୍ଡାର ପୂଜା, ଦ୍ୱାରପାଳ ପୂଜା, ଭିତର ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ପରେ ପ୍ରଥମାଷ୍ଟମୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭଣ୍ଡାର ଘରୁ ନୂତନ ବସ୍ତ୍ର ଅଣାଯିବା ପରେ ସେବାୟତ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ ପୂର୍ବକ ପୋଢୁଆଁ କାର୍ଯ୍ୟ ଶେଷ କରିଥିଲେ। ପରେ ସକାଳେ ଧୂପ ଆରମ୍ଭ ହୋଇଥିଲା ବୋଲି ସେବାୟତ ବାବୁଲି ମଲିଆ କହିଛନ୍ତି। ଅନ୍ୟ ସେବାୟତଙ୍କ ମଧ୍ୟରେ ରାମଚନ୍ଦ୍ର ମଲିଆ, କେଶବ ମଲିଆ, ପ୍ରଦୀପ ମଲିଆ, ଦୁର୍ଗାଚରଣ ମଲିଆ ପ୍ରମୁଖ କହିଛନ୍ତି କପିଳେଶ୍ୱରଙ୍କ ପ୍ରଥମାଷ୍ଟମୀ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା।




କ୍ଲଡ୍ବ୍ୟାଙ୍କ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦାବିରେ ଶୁକ୍ରବାର ରାଜ୍ୟ କ୍ଲଡ୍ବ୍ୟାଙ୍କ୍ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍ଜିଠାରେ ଧାରଣା ଦିଆଯାଇଛି।

## ଇମ୍ପୋର୍ଟେଡ୍ ମେଶିନ ବିକ୍ରି ଆଳରେ ୪ ଲକ୍ଷ ଠକେଇ

**ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)**

### ଫେରାର ଅଭିଯୁକ୍ତ ଗିରଫ

ଇମ୍ପୋର୍ଟେଡ୍ ମେଶିନ ବିକ୍ରି କରିବା ଆଳରେ ଗ୍ରାହକଙ୍କୁ ଦେଶୀ ମେଶିନ ଦେଇ ୪ ଲକ୍ଷ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଗୋଳବାଇ ଗ୍ରାମର ମାନସ ରଞ୍ଜନ ଦାସ (୨୮)।

ସୂଚନା ମୁତାବକ, ମାନସ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏସ.କ୍ୟୁ ସଲ୍ୟୁଶନ ନାମକ ସଂସ୍ଥା ଖୋଲି ଲୋକଙ୍କୁ ଧୂପକାଠି, ମହମବତି ଏବଂ ଫିନାଇଲ ତିଆରି କରିବା ପାଇଁ ଇମ୍ପୋର୍ଟେଡ୍ ମେଶିନ ବିକ୍ରି କରୁଥିଲେ। ମେଶିନ କିଣିବା ପାଇଁ ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଶ୍ରୀନାଥ ମହାପାତ୍ର ମଞ୍ଚେଶ୍ୱରସ୍ଥିତ ସଂସ୍ଥାରେ ପହଞ୍ଚିଥିଲେ। ମେଶିନ କିଣିବା ପାଇଁ ଶ୍ରୀନାଥ ଏବଂ ମାନସଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ମାନସ ୭ ଲକ୍ଷ ଟଙ୍କା ନେଇ ଏକ ମାସ ପରେ ଶ୍ରୀନାଥଙ୍କୁ ୩ ଲକ୍ଷ ଟଙ୍କା ମୂଲ୍ୟର ଏକ ମେଶିନ ଦେଇଥିଲେ। ଦୁଇ ମାସ ଭିତରେ ମେଶିନ ଖରାପ ହୋଇଯିବାରୁ ଶ୍ରୀନାଥ ମାନସଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଆସି ନ ଥିଲେ। ଅନ୍ୟ ମେକାନିକ୍ଙ୍କୁ ଡାକି ଦେଖେଇବାରୁ ଇମ୍ପୋର୍ଟେଡ୍ ଖୋଳ ଭିତରେ ଦେଶୀ ମେଶିନ ଥିବା ଜଣାପଡିଥିଲା। ଏ ନେଇ ଶ୍ରୀନାଥ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗତ ମେ ମାସରେ ୨୬୧/୧୮ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୋଲିସ ଅଭିଯୁକ୍ତ ମାନସଙ୍କୁ ଭୁବନେଶ୍ୱରରୁ ଗିରଫ କରିବା ସହ ପଚରା ଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
-ଗୁରୁ ନାନକ



## ସଂକ୍ଷେପରେ

### ଜିପିଟିଏଙ୍କୁ ଆକ୍ରମଣ ଅଭିଯୋଗ

**ସାଲେପୁର,୩୦।୧୧(ଡି.ଏନ.ଏ.):** ରାସ୍ତା କାମର ବିଲ୍ କରାଇ ଦେବାକୁ ମନାକରିବାରୁ ସାଲେପୁର ବ୍ଲକ କାର୍ଯ୍ୟାଳୟର ଜିପିଟିଏ ଜୟନ୍ତ କୁମାର ସାହୁଙ୍କୁ ଗୁରୁବାର ଆକ୍ରମଣ ହୋଇଛି। ଏ ନେଇ ସେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଶୁକ୍ରବାର ଏକ ମାମଲା ନଂ-୨୭୪/୧୮ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଜିପିଟିଏ ସାହୁ କାର୍ଯ୍ୟ କରୁଥିବା ସମୟରେ ବ୍ଲକ ଅଧୀନ ସମିତଙ୍ଗା ଗ୍ରାମର ରମେଶ ଚନ୍ଦ୍ର ରାଉତ ହଠାତ୍ ପହଞ୍ଚି ସେ କରିଥିବା ରାସ୍ତା କାମର ବିଲ୍ କରାଇ ଦେବାକୁ କହିଥିଲେ। ତେବେ ରାସ୍ତାର ମାପଚୁପ ହୋଇ ନ ଥିବାରୁ ବିଲ୍ ହୋଇ ପାରିବ ନାହିଁ ବୋଲି ଜିପିଟିଏ ସାହୁ ତାଙ୍କୁ ଜଣାଇଥିଲେ। ଏହାପରେ ରମେଶ୍ ଜିଦି କରିଥିଲେ। ତେବେ କାମ ନ ହେବାରୁ ଶେଷରେ ରମେଶ ରାଗିଯାଇ ଜିପିଟିଏ ସାହୁଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏନେଇ ସାହୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟରେ ପଶି ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଯୁବକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ଦାଶ ଓ ଦ୍ୱୀପାଞ୍ଚଳ ବିଜେଡି ନେତା ଚିତ୍ତରଞ୍ଜନ ପୁହାଣ ପ୍ରମୁଖ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ବ୍ଲକ ଓ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ଯୁବତୀଙ୍କ ଆତ୍ମହତ୍ୟା

**ସାଲେପୁର,୩୦।୧୧(ଡି.ଏନ.ଏ.):** ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ଜଣେ ଯୁବତୀ କୌଣସି କାରଣରୁ ଶୁକ୍ରବାର ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବତୀ ଜଣଙ୍କ ରଶି ଲଗାଇଥିବା ପରିବାର ଲୋକେ ଦେଖିବା ପରେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

### ଭାଗବତ ମେଳଣ ଉଦ୍‌ଯାପିତ

**ମାହାଙ୍ଗା,୩୦।୧୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତ ବରଦିଆ ଗ୍ରାମର ମା' ବୁଢ଼ୀ ଜାଗୁଳାଇ ପୀଠରେ ଦୁଇ ଦିନ ଧରି ଚାଲିଥିବା ଭାଗବତ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମେଳଣରେ ୫ଟି ଭାଗବତ ଗାଦିର ବିମାନ ଯୋଗ ଦେଇଥିଲେ। ଗାଦିଶ୍ୱରଭାବେ ବେହୁରା ସାହି ଭାଗବତ ଗାଦି ବିମାନ ବିରାଜମାନ ହୋଇଥିଲେ। ମେଳଣ ସ୍ଥଳରେ ପୂଜାର୍ଚ୍ଚନା କରାଯିବା ସହ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାଗବତ ମେଳଣ କମିଟି ସଦସ୍ୟ ଶିବଚରଣ ଜେନା, ବନମାଳୀ ବରାଳ, ଅଜୟ୍ ବରାଳ, ଧୀରେନ୍ଦ୍ର ବରାଳ, ଅକ୍ଷୟ୍ ବରାଳ, ପ୍ରଶାନ୍ତି ସ୍ୱାଇଁ ଓ ରଞ୍ଜିତ ବେହୁରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବାଲିଯାତ୍ରା ଉତ୍ସବ ଉଦ୍‌ଯାପିତ



**ସାଲେପୁର,୩୦।୧୧(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ବେଲେଶ୍ୱର ତରୁଣ କ୍ଲବ ଆନୁକୂଲ୍ୟରେ ବହୁଗ୍ରାମ ଦଶହରା ପଡ଼ିଆରେ ୭ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ବାଲିଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ପୂର୍ବତନ ଉପାଧ୍ୟକ୍ଷ ଦିଲୀପ ଦାଶ, ଜିଲାପରିଷଦ ସଭ୍ୟ ଶୁଭାଶିଷ ପ୍ରଧାନ, ବହୁଗ୍ରାମ ସରପଞ୍ଚ ମିଲିରାଣୀ ବୋଷ ଓ ପଞ୍ଚାୟତ ବିଜେଡି ସଭାପତି ବିଜୟ୍ କୁମାର ରାୟ୍ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ ସଭାପତି ରବୀନ୍ଦ୍ର ପରିଡା, ଜ୍ଞାନରଞ୍ଜନ ମାଣିଆ, ଭାଗ୍ୟଧର ଷଣ୍ଢ, ଆକବର ଉଦ୍ଦିନ, ସୁମନ୍ତ ମାଣିଆ, ଅଭୟ୍ ଦାସ, ବିଜୟ୍ ଷଣ୍ଢ, ହରେକୃଷ୍ଣ ଦଲାଲ ଓ ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ନିଶା ଖାଇବା ପାଇଁ ମୋବାଇଲ ଫୋନ୍ ଲୁଟୁଥିଲେ

# ୩ ଗ୍ୟାଙ୍ଗର ୯ ଗିରଫ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ନିଶା ଖାଇବା ପାଇଁ ଟଙ୍କା ଯୋଗାଡ଼ ଲାଗି ମୋବାଇଲ୍ ଫୋନ୍ ଲୁଟୁଥିଲେ। ପରେ ତା'କୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ରାଜଧାନୀରେ ଏଭଳି ଲୁଟ୍‌ପାଟ କରୁଥିବା ୩ଟି ଗ୍ୟାଙ୍ଗ୍‌କୁ ଠାବ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଗ୍ୟାଙ୍ଗର ୯ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩୫ଟି ଦାମୀ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଲକ୍ଷ୍ମୀସାଗର, ବଡ଼ଗଡ଼ ଓ ଜଟଣୀ ଥାନା ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

ଲକ୍ଷ୍ମୀସାଗର ଅଞ୍ଚଳରୁ ଗିରଫ ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ସୁଶାନ୍ତ ମହାରଣା(୧୯) ଓ ଭୀମପୁର ଭୋଇସାହିର ଅଶ୍ୱିନୀ ପ୍ରଧାନ(୨୦)। ସେମାନଙ୍କ ନାଁରେ ଏକ ମାମଲା(୩୦୩/୧୮) ରୁଜୁ ହୋଇଛି। ସେହିଭଳି ବଡଗଡ ଥାନା ଅଞ୍ଚଳରୁ କେଦାରପଲ୍ଲୀ ବସ୍ତିର ବିବେକାନନ୍ଦ ଦଳାଇ(୨୨), ପିଏଚ୍‌ଡି ସାହିର ସୋନୁ ନାୟକ(୨୫), ଲିପୁ ନାୟକ(୨୨), କେଦାରପଲ୍ଲୀର ପ୍ରଦୀପ ନାୟକ(୨୧)ଙ୍କୁ ପୋଲିସ ଗିରଫ କରିଥିବାବେଳେ ଏ ନେଇ ଥାନାରେ ଏକ ମାମଲା(୩୩୬/୧୮) ରୁଜୁ ହୋଇଛି। ଏହାବ୍ୟତୀତ ଜଟଣୀ



ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ।

ଥାନାର ଏକ ମାମଲା(୪୦୦/୧୮)ରେ ଧର୍ମବିହାରର ରବି ନାରାୟଣ ସାହୁ(୨୦), ଯାଁଳାର ସନ୍ତୋଷ ନାୟକ(୨୨) ଓ ଜାଗମରାର ପିଙ୍କୁନ ସାହୁ (୨୪)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ଲାଗି ରାଜଧାନୀରେ ବିଭିନ୍ନ ଦେଶର ନାଗରିକ ଏବଂ ପର୍ଯ୍ୟଟକ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାରୁ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଛନ୍ତି। ଭିଡର ସୁଯୋଗ ନେଇ ସେମାନେ ଲୁଟପାଟ କରୁଛନ୍ତି। ବିଶେଷକରି ପାର୍କ

■ ୩୫ ମୋବାଇଲ ଫୋନ୍ ଜବତ
■ ସଫ୍ଟୱେର ବଦଳାଇ ବାହାର ରାଜ୍ୟକୁ ଚାଲାଣ କରୁଥିଲେ

ଓ ଜାତୀୟ ରାଜପଥରେ ଅନ୍ୟମନସ୍କ ରହୁଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ମୋବାଇଲ ଲୁଟ କରି ଚମ୍ପଟ ମାରୁଛନ୍ତି। ପରେ ଚୋରି ମୋବାଇଲର ସଫ୍ଟୱେର ବଦଳାଇ କମ୍ ମୂଲରେ ବାହାର ରାଜ୍ୟକୁ ଚାଲାଣ କରନ୍ତି ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ସମସ୍ତ ଅଭିଯୁକ୍ତ ନିଶା ଖାଇବା ପାଇଁ ଏଭଳି ଲୁଟ୍ କରୁଥିବା ସ୍ୱୀକାର କରିଛନ୍ତି ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଜଟଣୀରୁ ଖଣ୍ଡଗିରି ଆସୁଥିବା ଜଣେ ବିଦେଶିନୀଙ୍କଠାରୁ ଲାପଟପ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ଲୁଟ୍ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ କମିଶନର ସ୍ପେଶାଲ ସ୍କ୍ୱାଡ୍‌କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ।



ବିଧାୟକ ପ୍ରକାଶ ବେହେରା ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ସାଲେପୁର,୩୦।୧୧(ଡି.ଏନ.ଏ.)**

ସାଲେପୁର ବିଧାୟକ ପ୍ରକାଶ କୁମାର ବେହେରାଙ୍କ ଦ୍ୱାରା ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଧାୟକ ବେହେରା ପ୍ରଥମେ ଅପରାହ୍ନ ପ୍ରାୟ ୩ଟାରେ ତହସିଲ ପରିସରରେ ପହଞ୍ଚି ତହସିଲ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହାପରେ ବ୍ଲକ ରାସ୍ତାର ଶିଳାନ୍ୟାସ କରିବା ସହ ବ୍ଲକର ନୂତନ ସଭାଗୃହର ମଧ୍ୟ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଧାୟକ ବ୍ଲକ କାର୍ଯ୍ୟାଳୟ ପରିସରରେ ୨ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରିଥିଲେ। ଶତାଧିକ ସମର୍ଥକ ବିଧାୟକ ବେହେରାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ଶିଶୁଆଠାରୁ ତହସିଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେହିପରି କଟରପା ରଥଦାଣ୍ଡକୁ କଂକ୍ରିଟ୍‌କରଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବୋଦାମୁଣ୍ଡାଇ-ମାଳ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ତହସିଲଦାର ପଦ୍ମଜା ଦାଶ, ବିଡିଓ ଶିବବ୍ରତ ଘୋଷ, ବ୍ଲକ୍ ଅଧ୍ୟକ୍ଷା ମମତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ରାମକୃଷ୍ଣପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଅଜୟ ଦତ୍ତ, ଯୁବନେତା ବିଶ୍ୱରଞ୍ଜନ ଦାସ, ସରପଞ୍ଚ ରଞ୍ଜନ ବେହେରା, ସମିତିସଭ୍ୟା ମମତା ସେଠୀ, ମହନ୍ତ ରାମକୃଷ୍ଣ ଦାଶ, ଅଜିତ୍ ପଣ୍ଡା, ମଣ୍ଟୁ ମହାପାତ୍ର, କମଳାକାନ୍ତ ଜେନା, ବେଣୁଧର ପ୍ରଧାନ ଓ ସରୋଜ କରଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।



ନରସିଂହପୁର ଛାଡ଼ଖାଇ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ଓଡ଼ିଶୀ ନୃତ୍ୟର ଏକ ଦୃଶ୍ୟ।

# ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି ଛାଡ଼ଖାଇ ଉତ୍ସବ

**ନରସିଂହପୁର,୩୦।୧୧(ଡି.ଏନ.ଏ.)**

ନରସିଂହପୁର ଛାଡ଼ଖାଇ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଦେବୀପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଏମ୍‌ପି ଭର୍ତ୍ତୃହରି ମହାତାବ, ବିଶିଷ୍ଟ ଅତିଥି ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି, ମୁଖ୍ୟବକ୍ତା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ(କୁନା) ଓ ସମ୍ମାନିତ ଅତିଥିଭାବେ ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଏହି ଉତ୍ସବ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି ବୋଲି କହିଥିଲେ। ଶେଷ ସନ୍ଧ୍ୟାରେ ୩୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ଓଡ଼ିଶୀ, ସମ୍ବଲପୁରୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସୀମା ପଣ୍ଡା ଏବଂ ତାଙ୍କ ଗ୍ରୁପ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ନରସିଂହପୁରର ବିଦ୍ୟାଧର ରଣାଙ୍କ ଲିଖିତ ଭଜନମାଳା ପୁସ୍ତକକୁ ଅତିଥି ଉନ୍ମୋଚିତ କରିଥିଲେ। କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କବି, ଲେଖକ ଓ ଦଣ୍ଡନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ମାଟ୍ରିକ ଓ ଯୁକ୍ତ ୨ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି ଉଦ୍ୟାନ କ୍ଷେତ୍ରରେ ନାମ କରିଥିବା ଚାଷୀଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଶେଷରେ ଥାନା ଅଧିକାରୀ ତଥା ଉତ୍ସବ କମିଟି ସମ୍ପାଦକ ନିହାର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗଣ୍ଡଗୋଳ ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୩୦।୧୧**

କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଜଣେ ଯୁବତୀଙ୍କୁ କମେଣ୍ଟ ମରାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁଡିଆସାହି ଅଞ୍ଚଳର ସରୋଜ ସାହୁ। ଏ ନେଇ ଥାନାରେ ଏକ ମାମଲା (ନଂ.୨୦/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କିଛି ସପ୍ତାହ ହେବ ସରୋଜ ଉକ୍ତ ଯୁବତୀଙ୍କୁ ରାସ୍ତାରେ ଯିବାଆସିବା ବେଳେ କମେଣ୍ଟ ମାରୁଥିଲେ। ଏ ନେଇ ଯୁବତୀ ଜଣକ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଏହାର ଆପୋଷ ସମାଧାନ କରିବା ପାଇଁ ମଣିସାହୁ ଛକ ପୂଜା କମିଟି ପକ୍ଷରୁ ଚେଷ୍ଟା କରାଯାଇଥିଲା। ଗୁରୁବାର ପୂଜା କମିଟି ସଦସ୍ୟଙ୍କ ସହ ସରୋଜଙ୍କ ଆଲୋଚନା ହୋଇଥିଲା। ହେଲେ ଏଥିରେ ସରୋଜ ଉତ୍ତ୍ୟକ୍ତ ହୋଇ ପୂଜା କମିଟି ସଦସ୍ୟମାନଙ୍କୁ ମାଡ ମାରିଥିଲେ। ଏ ନେଇ ପୂଜା କମିଟି ସଭାପତି ରାକେଶ କୁମାର ସାହୁ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ଜନ ପରାମର୍ଶ ପଦଯାତ୍ରା

**ବାଙ୍କୀ, ୩୦।୧୧ (ବି.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀର ଅନୁୟାରୀ ଓ ଗୋଳାଗଣ୍ଡ ପଞ୍ଚାୟତରେ ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଲିତେନ୍ତୁଳିଆ ଗ୍ରାମସ୍ଥିତ ଜଳେଶ୍ୱର ମନ୍ଦିରରୁ ଭାଜପା କର୍ମୀ ପଦଯାତ୍ରା କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଗୋଳାଗଣ୍ଡ ପଞ୍ଚାୟତର ସାତଖଣ୍ଡ ଗ୍ରାମର ଚଣ୍ଡୀ ଠାକୁରାଣୀ ପୀଠରେ ସମବେତ ହୋଇ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ବ୍ରହ୍ମପୁରା ମଣ୍ଡଳ ଅନ୍ତର୍ଗତ ଅନୁୟାରୀ ଏବଂ ଗୋଳାଗଣ୍ଡ ପଞ୍ଚାୟତରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଅଜୟ ସ୍ୱାଇଁ, ସିଦ୍ଧେଶ୍ୱର ପାଇକରାୟ, ଦେବୀପ୍ରସାଦ ମହାନ୍ତି, ସୀତାକାନ୍ତ ମିଶ୍ର ଓ କମଳାକାନ୍ତ ପ୍ରହରାଜ ପ୍ରମୁଖ ସାମିଲ ହୋଇଥିଲେ।

# ୩୫ ଛାତ୍ରୀଛାତ୍ରଙ୍କୁ ମିଳିଲା ଲାପଟପ୍



ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ କରାଯାଉଛି।

**ବାଙ୍କୀ, ୩୦।୧୧ (ବି.ପ୍ର.)**

ବାଙ୍କୀ ମହାବିଦ୍ୟାଳୟର କଳା,ବାଣିଜ୍ୟ ଓ ବିଜ୍ଞାନରେ ସଫଳତାର ସହ ଯୁକ୍ତ ୨ ପାସ କରିଥିବା ୩୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି। ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଯୁକ୍ତ ୨ ପାସ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଲାପଟପ୍ ଦିଆଯାଇଛି। କଟକସ୍ଥିତ ଜାତୀୟ କବି ବୀରକିଶୋର କଲେଜ ସମ୍ମିଳନୀ ପ୍ରକୋଷ୍ଠରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପଟପ୍ ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ କୃତୀ ଛାତ୍ରୀଛାତ୍ରଙ୍କ ସୁଭାଶିଷ କାମନା କରିଛନ୍ତି।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ନରସିଂହପୁର,୩୦।୧୧(ଡି.ଏନ.ଏ.)**

ନରସିଂହପୁର ଆଦିବାସୀ ହଷ୍ଟେଲ ପରିସରରେ ଶୁକ୍ରବାର ସ୍ଥାନୀୟ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରଶାନ୍ତ କୁମାର ତରାଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି, ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ (କୁନା), ମୁଖ୍ୟବକ୍ତାଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲାପରିଷଦ ସଦସ୍ୟ ନିର୍ମଳ ଜେନା, ବ୍ଲକ ଉପାଧ୍ୟକ୍ଷା ସୁନୀତା ସ୍ୱାଇଁ ଯୋଗ ଦେଇଥିଲେ। ବ୍ଲକର ୩୭ ପଞ୍ଚାୟତରୁ ୧୨୦୦ରୁ ଊର୍ଦ୍ଧ୍ୱ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉତ୍ସବ ଆରମ୍ଭରେ ବିଡିଓ ତରାଇ ଯୁବ ବାହିନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଅତିଥି ଚାରାରୋପଣ, ଫୁଟବଲ, କ୍ରିକେଟ୍, ଅଭିନୟ ଓ କବିତା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ରୁ ଊର୍ଦ୍ଧ୍ୱ ଯୁବବାହିନୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଜଣେ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

■ ଗୋପାଳପୁର ପଞ୍ଚାୟତ ରାସ୍ତା ଶୋଚନୀୟ

# ମରାମତି ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ବାଙ୍କୀ, ୩୦।୧୧(ସ୍ୱ.ପ୍ର)**

ବାଙ୍କୀ ସହର ସଂଲଗ୍ନ ଗୋପାଳପୁର ପଞ୍ଚାୟତ ମୁଖ୍ୟପ୍ରବେଶ ରାସ୍ତା ଦୀର୍ଘବର୍ଷ ହେବ ଶୋଚନୀୟ ହୋଇପଡିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତବାସୀ ବାଙ୍କୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ମରାମତି ପାଇଁ ଏକ ଦାବିପତ୍ର ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବା ଲାଗି ସେମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଟିକଶଙ୍ଖଠାରୁ ଗୋପାଳପୁର ପଞ୍ଚାୟତ ଭିତରକୁ ଯାଇଥିବା ରାସ୍ତା ୨୦୦୬ ମସିହାରେ ନିର୍ମାଣ ହୋଇଥିଲା। ଏହି ରାସ୍ତା ଉପରେ ୫ ରାଜସ୍ୱ ଗ୍ରାମର ପ୍ରାୟ ୪ ହଜାର ଲୋକେ ନିର୍ଭର କରିଥାନ୍ତି। ରାସ୍ତା ଦେଇ ଦୈନିକ ବହୁ ଯାତ୍ରୀ ବାଙ୍କୀ ବଜାର, ସରକାରୀ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାୟକୁ ଯାଇଥାନ୍ତି। ମାତ୍ର ରକ୍ଷଣାବେକ୍ଷଣ



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଅଭାବରୁ ଏହି ରାସ୍ତାରେ ଏବେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଫଳରେ ଅନେକ ସମୟରେ ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏଥିସହ ବର୍ଷାଦିନେ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏଥିଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ସହ ଏହାକୁ ପୁନଃ ନିର୍ମାଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଅଶୋକ କୁମାର ବେହେରା, ଶିଶିର କୁମାର ଦାସ, ଦଶରଥ ବେହେରାଙ୍କ ନେତୃତ୍ୱରେ ଶାନ୍ତନୁ ରାଉତ, ଜଗା ରାଉତ, ବିଜୁ ସାହୁ, କିଶୋର ଦାସ, ପ୍ରଦୀପ ସାମଲ, ଜିତେନ୍ ଦାସଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଡମପଡା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା କହିଛନ୍ତି, ରାସ୍ତା ମରାମତିଲାଗି ଗୋପାଳପୁର ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ସପ୍ତାହ ମଧ୍ୟରେ କାମ ଆରମ୍ଭ ହୋଇଯିବ।

# ପୂର୍ବାଞ୍ଚଳରେ ନିର୍ମାଣ ହେବ ୪ ମିନି ଷ୍ଟାଡିୟମ

**କଟକ ଅଫିସ, ୩୦।୧୧**

କଟକ ପୂର୍ବାଞ୍ଚଳରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଖେଳପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରାଯିବ। ଏଥିପାଇଁ ଗତ ମେ' ମାସରୁ ପୂର୍ତ୍ତ ବିଭାଗ-୨କୁ ଆସିଥିବା ନିର୍ଦ୍ଦେଶ ଅନୁଯାୟୀ, ୨୦୧୯ ଜାନୁୟାରୀ ଶେଷ ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ସରିବ ବୋଲି ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ସୁଧିର ପଣ୍ଡା କହିଛନ୍ତି। ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡିଆରେ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କମଳାକାନ୍ତ ବିଦ୍ୟାପୀଠ, ଚାଉଳିଆଗଞ୍ଜ ଖେଳପଡିଆ ଓ ନୂଆବଜାର ହାଇସ୍କୁଲ ଖେଳପଡିଆରେ ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ହେବ ବୋଲି ସେ କହିଛନ୍ତି। ଉପରୋକ୍ତ ୪ଟି ଖେଳପଡିଆରେ ୫୦ ଫୁଟ ଲମ୍ବ ଓ ୧୫ ଫୁଟ ଚଉଡାର ଦୁଇଟି ବ୍ଲକ ନିର୍ମାଣ କରାଯିବ। ଏଥିସହ ପ୍ରତି ବ୍ଲକରେ ଦର୍ଶକମାନେ ବସିବା ପାଇଁ ୮ ଥାକିଆ ଗ୍ୟାଲେରି ନିର୍ମାଣ ହେବ। ପ୍ରତ୍ୟେକ ଖେଳପଡିଆ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ଗଣ୍ଡଗୋଳ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୩୦।୧୧:** କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଜଣେ ଯୁବତୀଙ୍କୁ କମେଣ୍ଟ ମରାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁଡିଆସାହି ଅଞ୍ଚଳର ସରୋଜ ସାହୁ। ଏ ନେଇ ଥାନାରେ ଏକ ମାମଲା (ନଂ.୨୦/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କିଛି ସପ୍ତାହ ହେବ ସରୋଜ ଉକ୍ତ ଯୁବତୀଙ୍କୁ ରାସ୍ତା ଯିବାଆସିବା ବେଳେ କମେଣ୍ଟ ମାରୁଥିଲେ। ଏ ନେଇ ଯୁବତୀ ଜଣକ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଏହାର ଆପୋଷ ସମାଧାନ କରିବା ପାଇଁ ମଣିସାହୁ ଛକ ପୂଜା କମିଟି ପକ୍ଷରୁ ଚେଷ୍ଟା କରାଯାଇଥିଲା। ଗୁରୁବାର ପୂଜା କମିଟି ସଦସ୍ୟଙ୍କ ସହ ସରୋଜଙ୍କ ଆଲୋଚନା ହୋଇଥିଲା। ହେଲେ ଏଥିରେ ସରୋଜ ଉତ୍ୟକ୍ତ ହୋଇ ପୂଜା କମିଟି ସଦସ୍ୟମାନଙ୍କୁ ମାଡ ମାରିଥିଲେ। ଏ ନେଇ ପୂଜା କମିଟି ସଭାପତି ରାକେଶ କୁମାର ସାହୁ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ଗଞ୍ଜିରେ ଅସଲି ବ୍ରାଣ୍ଡ ମାରି ବିକ୍ରି ଅଭିଯୋଗ, ଦୋକାନୀ ଗିରଫ

**କଟକ ଅଫିସ, ୩୦।୧୧:** ଏକ ପ୍ରତିଷ୍ଠିତ ବ୍ରାଣ୍ଡର ଲୋଗୋ ଲଗାଇ ଗଞ୍ଜି ବିକ୍ରି କରିବା ଅଭିଯୋଗରେ ପୁରୀଘାଟ ପୋଲିସ ଜଣେ ଦୋକାନୀଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ବାଉଲିସାହିର ଗୌତମ ଚାନ୍ଦ ବେଡ୍। ପୋଲିସ ତାଙ୍କଠାରୁ ଅସଲି ବ୍ରାଣ୍ଡ ଲଗାଯାଇଥିବା ୬୧୦ଟି ଗଞ୍ଜି ଜବତ କରିବା ସହ ଏକ ମାମଲା(ନଂ.୨୧୩/୧୮)ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ନନ୍ଦୀସାହି ଅଞ୍ଚଳରେ ଗୌତମଙ୍କର ଏକ ଲୁଗା ଦୋକାନ ଅଛି। ସେଠାରେ ଏଭଳି ଗଞ୍ଜି ବିକ୍ରି କରୁଥିବା ଉକ୍ତ ବ୍ରାଣ୍ଡର କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଏ ନେଇ ଉକ୍ତ କମ୍ପାନୀର କର୍ମଚାରୀ ବିଷ୍ଣୁ ଦାସ ଗୋସ୍ୱାମୀ ଅଭିଯୋଗ କରିବା ପରେ ପୋଲିସ ଶୁକ୍ରବାର ଉକ୍ତ ଦୋକାନରେ ଚଢାଉ କରି ଗଞ୍ଜି ଜବତ କରିବା ସହ ତାଙ୍କୁ ଗିରଫ କରିଛି।

### ଟଙ୍କା ଆଦାୟ ଅଭିଯୋଗ: ଯୁବକ ଗିରଫ

**ଖୁଣ୍ଟୁଣୀ,୩୦।୧୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଜେନାପୁର ଛକ ନିକଟରେ ଟ୍ରକ୍ ଡ୍ରାଇଭରଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋପାଳପ୍ରସାଦ ଗ୍ରାମର ବଟକୃଷ୍ଣ ବେହେରା। ଏହା ସହ ତାଙ୍କ ଠାରୁ ୧୪ଶହ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଅନନ୍ତପୁର ଠାରେ ଥିବା ଏକ କାରଖାନାକୁ କୋଇଲା ନେଇ ଯାଉଥିବା କେତେକ ଟ୍ରକ୍‌କୁ ବଟକୃଷ୍ଣ ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଧମକାଇ ଟଙ୍କା ଆଦାୟ କରୁଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ବଟକୃଷ୍ଣ ଏକ ଟ୍ରକ୍(ଓଡି ୦୫ ଆର ୬୭୫୨)କୁ ଅଟକାଇ ଟଙ୍କା ଆଦାୟ କରୁଥିଲା। ପୋଲିସକୁ ଦେଖି ବଟକୃଷ୍ଣ ଦୌଡି ପଳାଉଥିବା ବେଳେ ପୋଲିସ ତାଙ୍କୁ ଗୋଡାଇ ଧରିଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୨/୧୮)ରୁଜୁ କରିଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**କଟକ ଅଫିସ, ୩୦।୧୧:** ବାରବାଟୀ-କଟକ ଭାଜପା ପକ୍ଷରୁ ଶୁକ୍ରବାର ୨ୟ ପର୍ଯ୍ୟାୟ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ନେତୃତ୍ୱରେ କର୍ମୀମାନେ ସକାଳ ୯ଟାରେ ସ୍ଥାନୀୟ ତିନିକୋଣିଆ ବଗିଚା ନିକଟରୁ ପଦଯାତ୍ରାରେ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। କଟକ ସହରର ମୌଳିକ ସମସ୍ୟା ସମ୍ପର୍କରେ କର୍ମୀମାନେ ଲୋକଙ୍କୁ ଅବଗତ କରାଇଥିଲେ।



କଟକ ବାଲିଯାତ୍ରା ପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ଘୋଡ଼ାନାଚ।



ବାଲିଯାତ୍ରା ପଡ଼ିଆର କୃଷି ଉଦ୍ୟାନରେ ଫଳପରିବା ପ୍ରଦର୍ଶନୀ।

# ବାଲିଯାତ୍ରାରେ ମାନବ ସେବା

**କଟକ ଅଫିସ, ୩୦।୧୧**

ଆଉ ଦିନକ ପରେ ସରିଯିବ ବାଲିଯାତ୍ରା। ତେଣୁ ବାଲିଯାତ୍ରା ବୁଲିବା ସୁଯୋଗକୁ କେହି ହାତଛଡ଼ା କରୁନାହାନ୍ତି। ଦିନ ଗଡୁଥିବାବେଳେ ଭିଡ଼ ବି ବଢୁଛି। ଅପରାହ୍ନରୁ ବାଲିଯାତ୍ରାମୁହାଁ ହେଉଛନ୍ତି ଲୋକେ। ସନ୍ଧ୍ୟାବେଳକୁ ଉତ୍ସବମୁଖର ହୋଇଉଠୁଛି ପୂରା କଟକ ସହରର ଗଳିକନ୍ଦି, ରାସ୍ତାଘାଟଠାରୁ ଆରମ୍ଭ କରି ବାଲିଯାତ୍ରା ପଡ଼ିଆ। ତେବେ ବାଲିଯାତ୍ରାରେ ବୁଲିବା ସହ କିଏ ଖାଇବା, ଦୋଳି ଖେଳିବା ଓ ବିଭିନ୍ନ ମଉଜ କରି ସମୟ ଅତିବାହିତ କରୁଥିବାବେଳେ ଆଉ କିଏ ସେବାକାର୍ଯ୍ୟ କରି ଖୁସି ସାଉଣ୍ଟୁଛନ୍ତି। ସାମାଜିକ କର୍ମୀ ବିଭୂତି ଭୂଷଣ ରାୟ କୁହନ୍ତି, ବୁଲାବୁଲି ସାଙ୍ଗକୁ ଲୋକଙ୍କୁ ସେବା ଓ ସହାୟତା ଯୋଗାଇଦେବାର ଏକ ବଡ଼ ପ୍ଲାଟ୍‌ଫର୍ମ ହେଉଛି ବାଲିଯାତ୍ରା। ବାଲିଯାତ୍ରା ବୁଲିବାକୁ ଆସୁଥିବା ଭିନ୍ନକ୍ଷମମାନଙ୍କୁ ମାଗଣା ଅଟୋ ସେବା ଯୋଗାଇ ଦିଅନ୍ତି ବିଭୂତି। ଭିନ୍ନକ୍ଷମଙ୍କୁ ନିଜ ଅଟୋରେ ବସାଇ ତଳ ଓ ଉପର ପଡ଼ିଆ ବୁଲାଇବାରେ ଢ଼େର୍ ଆତ୍ମସନ୍ତୋଷ ମିଳେ ବୋଲି କୁହନ୍ତି ସେ। ବାଲିଯାତ୍ରା ପଡ଼ିଆରେ ଏଭଳି କିଛି ଷ୍ଟଲ୍ ରହିଛି ଯେଉଁଠାରେ କେତେକ ଅନୁଷ୍ଠାନ ଲୋକଙ୍କୁ ଫାଷ୍ଟଏଡ୍, ପାନୀୟଜଳ, ଫ୍ରି ହେଲ୍‌ଥ ଚେକ୍‌ଅପ୍ ଭଳି ସେବା ଯୋଗାଇ ଦେଉଛନ୍ତି। ସେହିଭଳି ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ରୋଟାରୀ ଆଇ ହସ୍ପିଟାଲ, ହିନ୍ଦୁସେନା ଭଳି ବହୁ ଅନୁଷ୍ଠାନ ସେବାକାର୍ଯ୍ୟ ଯୋଗାଇ ଆସୁଛନ୍ତି।

### ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ

୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ବାଲିଯାତ୍ରା ପଡ଼ିଆରେ ୨୪ ଘଣ୍ଟିଆ ଫାଷ୍ଟଏଡ୍ ଚିକିତ୍ସା ସୁବିଧା ଯୋଗାଇ ଆସୁଛି ବୋଲି କହିଛନ୍ତି କ୍ୟାମ୍ପ ଦାୟିତ୍ୱରେ ଥିବା ଅଧିକାରୀ ମିଳନ ସାହୁ। ଉପର ପଡ଼ିଆର ଶେଷ ଭାଗରେ ଥିବା ସେଣ୍ଟ ଜନ୍ ଆମ୍ବୁଲାନ୍ସର ସେବା କେନ୍ଦ୍ରରେ ଆହତଙ୍କ ଚିକିତ୍ସା ପାଇଁ ଦୁଇଟି ବେଡ୍ ରହିଥିବାବେଳେ ଡାକ୍ତର ଓ ଆବଶ୍ୟକ ମେଡିସିନ ମହଜୁଦ ରହିଛି। ମିଳନ କୁହନ୍ତି, ଏତେ ବଡ଼ ମେଳାରେ ବୁଲାବୁଲି ଯେତିକି ଗୁରୁତ୍ୱପୂର୍ଣ୍ଣ ବୁଲିବାକୁ ଆସୁଥିବା ଲୋକଙ୍କୁ ଅସମୟରେ ସାହାଯ୍ୟ କରିବା ସବୁଠାରୁ ବଡ଼ ଦାୟିତ୍ୱ।

### ରୋଟାରି ଆଇ ହସ୍ପିଟାଲ

ବାଲିଯାତ୍ରା ଆରମ୍ଭରୁ ଆଜିଯାଏ ୫୦୦ରୁ ଊର୍ଦ୍ଧ୍ୱ ଲୋକ ମାଗଣାରେ ଚକ୍ଷୁ ପରୀକ୍ଷା କରିସାରିଲେଣି। ବାଲିଯାତ୍ରା ତଳ ପଡ଼ିଆରେ ଖୋଲିଥିବା ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲର କ୍ୟାମ୍ପରେ ଚକ୍ଷୁ ସମସ୍ୟା ଥିବା ବ୍ୟକ୍ତିମାନେ ମାଗଣାରେ ଚକ୍ଷୁ ପରୀକ୍ଷା କରାଇବା ସହ ପ୍ରାଥମିକ ଭାବେ ମେଡିସିନ ମଧ୍ୟ ମାଗଣାରେ ନେଉଛନ୍ତି। ବାଲିଯାତ୍ରାର ପ୍ରଥମ ଦିନ ଚକ୍ଷୁ ସମସ୍ୟା ଭୋଗୁଥିବା ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାଗଣାରେ ଚଷମା ବଣ୍ଟା ଯାଇଥିଲା ବୋଲି ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ ଆଡମିନିଷ୍ଟ୍ରେଟିଭ ଅଫିସର ଆଲୋକ କୁମାର ସାହୁ କହିଛନ୍ତି।



ରେଡ୍‌କ୍ରସ ସୋସାଇଟି ପକ୍ଷରୁ ବାଲିଯାତ୍ରାରେ ମାଗଣା ଚିକିତ୍ସା ସେବା

### ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା

୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାଲିଯାତ୍ରାରେ ମାଗଣା ଫାଷ୍ଟଏଡ୍ ଚିକିତ୍ସା ଯୋଗାଇ ଆସୁଛି ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା। କ୍ୟାମ୍ପ ଦାୟିତ୍ୱରେ ଥିବା ଚନ୍ଦନ ମହାନ୍ତି କୁହନ୍ତି, ପ୍ରତିଦିନ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ରକ୍ତ ପରୀକ୍ଷା ଓ ଅସୁସ୍ଥ ବ୍ୟକ୍ତିଙ୍କୁ ଭିଡ଼ରୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇବା ସହ ପ୍ରତିଦିନ ସକାଳୁ ବାଲିଯାତ୍ରା ଉଭୟ ପଡ଼ିଆରୁ ଆବର୍ଜନା ସଫେଇ ଆଦି କାର୍ଯ୍ୟ କରାଯାଉଛି। ଏଥିପାଇଁ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭଲ୍ୟୁଣ୍ଟିୟର ଭାବେ ନିୟୋଜିତ ଅଛନ୍ତି।

### ହିନ୍ଦୁସେନା

ସହରର ଅନେକ ସମସ୍ୟାକୁ ନେଇ ହିନ୍ଦୁ ସେନା ଅଣ୍ଟାଭିଡିଥାଏ। ଏହାର କର୍ମକର୍ତ୍ତା ସଞ୍ଜିତ ସାମଲ କହିନ୍ତି, ଯଦି ବର୍ଷ ତମାମ ଲୋକଙ୍କ ସମସ୍ୟା ବେଳେ ରହି ଆସିଛୁ, ତେବେ ବାଲିଯାତ୍ରାରେ ମଧ୍ୟ ଲୋକଙ୍କ ସେବା କରିବାର ସୁଯୋଗକୁ ହାତଛଡ଼ା କରୁନାହୁଁ। ଗତ ୨ ବର୍ଷ ଧରି ବାଲିଯାତ୍ରାରେ ଲୋକଙ୍କୁ ଫାଷ୍ଟଏଡ୍ ଚିକିତ୍ସା କରୁଛୁ।

### ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ବାହାବା

ବାଲିଯାତ୍ରା ଉପର ପଡ଼ିଆରୁ ତଳ ପଡ଼ିଆକୁ ଯିବା ରାସ୍ତାରେ ଲୋକଙ୍କ ପ୍ରବଳ ଗହଳି ଲାଗି ରହିଥାଏ। ଜଣେ ଭିନ୍ନକ୍ଷମ ଉପର ପଡ଼ିଆରୁ ତଳ ପଡ଼ିଆକୁ ଆସିବା ପାଇଁ ସମସ୍ତଙ୍କୁ ନେହୁରା ହେଉଥିବାବେଳେ ପାଖରେ ଡ୍ୟୁଟି କରୁଥିବା ଟ୍ରାଫିକ କନଷ୍ଟେବଲ ଜ୍ଞାନେନ୍ଦୁ କୁମାର ମଲିକ ତାଙ୍କୁ ହୁଇଲ ଚେୟାରରେ ବାଟ କଢାଇ ନେଇଥଲେ। ଏହା ଦେଖି ଲୋକେ ଜ୍ଞାନେନ୍ଦୁଙ୍କୁ ସାବାସି କରିବା ସହ ପୋଲିସ ଏମିତି ହେବା ଦରକାର ବୋଲି କହୁଥିଲେ। ପୋଲିସକୁ ଭିଡ଼ ନିୟନ୍ତ୍ରଣରେ ମଧ୍ୟ ସହରର ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ବାଲିଯାତ୍ରାର ଏକ ଷ୍ଟଲରେ ବିକ୍ରି ପାଇଁ ରଖାଯାଇଥିବା ଆମିଷ ଦ୍ରବ୍ୟ।



ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲରେ ମହିଳାମାନେ ବ୍ରହ୍ମପୁର ଆଚାର କିଣୁଛନ୍ତି।

## ନିଆଁ ଲାଗି କଣ୍ଟେନର ଜଳିଗଲା

**କଟକ ଅଫିସ,୩୦।୧୧**

ଜଗତ୍‌ପୁରସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ଗୋଟିଏ କଣ୍ଟେନରରେ ନିଆଁ ଲାଗିଲା । ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କଣ୍ଟେନର (କେଏ୦୧-ଏବି-୦୨୦୩)ରେ ଭାରତ ପେଟ୍ରୋଲିୟମ ଗ୍ୟାସ୍ କମ୍ପାନୀର ରେଗୁଲେଟର ବୋଝେଇ ହୋଇ କାନପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଗାଡିର ଚାଳକ ରାଧେଶ୍ୟାମ ଗୌତମ ସ୍ଥାନୀୟ ମୁଖାର୍ଜୀ ପେଟ୍ରୋଲ ପମ୍ପ ନିକଟରେ ଗାଡି ରଖି ଜଳଖିଆ ଖାଇବାକୁ ଯାଇଥିଲେ। ସେଠାରୁ ଆସି ଦେଖନ୍ତି ତ ଗାଡିରେ ନିଆଁ ଲାଗିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ପରେ ପୋଲିସ ଉକ୍ତ କଣ୍ଟେନରକୁ ଥାନାକୁ ନେଇଥିବାବେଳେ ଚାଳକକୁ ଅଟକ ରଖି ପଚରା ଉଚରା ଚଳାଇଛି।

## ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର, ୩୦।୧୧(ଡି.ଏନ.ଏ)**

ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଆୟୋଜିତ ଜନ ସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ, ସଭାନେତ୍ରୀ ମିନତି ବେହେରା, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ ସିଂ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ପୂର୍ବତନ କାଉନସିଲର ହରିଶ ଚନ୍ଦ୍ର ବେହେରାଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଚୌଦ୍ୱାର ନଗର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ପୃଷ୍ଟି, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଷ୍ଣୁଚରଣ ପରିଡା, କରୁଣାକର ସାହୁଙ୍କ ସମେତ ବହୁ ପୂର୍ବତନ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଯୋଗଦେଇଥିଲେ। ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ ଅତିଥି ପରିଚୟ, ଛାତ୍ର ବିଜେଡି ସମ୍ପାଦକ ଅର୍ଜୁନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ ଓ ଅଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ପୂର୍ବାଞ୍ଚଳରେ ନିର୍ମାଣ ହେବ ୪ ମିନି ଷ୍ଟାଡିୟମ

**କଟକ ଅଫିସ, ୩୦।୧୧**

କଟକ ପୂର୍ବାଞ୍ଚଳରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଖେଳପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରାଯିବ। ଏଥିପାଇଁ ଗତ ମେ' ମାସରୁ ପୂର୍ତ୍ତ ବିଭାଗ-୨କୁ ଆସିଥିବା ନିର୍ଦ୍ଦେଶ ଅନୁଯାୟୀ, ୨୦୧୯ ଜାନୁୟାରୀ ଶେଷ ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ସରିବ ବୋଲି ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ସୁଧୀର ପଣ୍ଡା କହିଛନ୍ତି। ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡିଆରେ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କମଳାକାନ୍ତ ବିଦ୍ୟାପୀଠ, ଚାଉଳିଆଗଞ୍ଜ ଖେଳପଡିଆ ଓ ନୂଆବଜାର ହାଇସ୍କୁଲ ଖେଳପଡିଆରେ ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ହେବ ବୋଲି ସେ କହିଛନ୍ତି। ଉପରୋକ୍ତ ୪ଟି ଖେଳପଡିଆରେ ୫୦ ଫୁଟ ଲମ୍ବ ଓ ୧୫ ଫୁଟ ଚଉଡାର ଦୁଇଟି ବ୍ଲକ ନିର୍ମାଣ କରାଯିବ। ଏଥିସହ ପ୍ରତି ବ୍ଲକରେ ଦର୍ଶକମାନେ ବସିବା ପାଇଁ ୮ ଥାକିଆ ଗ୍ୟାଲେରି ନିର୍ମାଣ ହେବ । ପ୍ରତ୍ୟେକ ଖେଳପଡିଆ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ।

## ଶରତ ସାହିତ୍ୟ ଟ୍ରଷ୍ଟ ପକ୍ଷରୁ କବି ସମ୍ମିଳନୀ

**କଟକ ଅଫିସ, ୩୦।୧୧:** ଶରତ ସାହିତ୍ୟ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଏକ କବି ସମ୍ମିଳନୀ ଅରୁଣୋଦୟ ନଗରସ୍ଥିତ ଟ୍ରଷ୍ଟର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କବୟିତ୍ରୀ ପ୍ରଭାବତୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ମୁଖ୍ୟଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରି ମଣିଷ ଜୀବନ ସହିତ କବିତାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସାମ୍ପ୍ରତିକ ସମୟର କବିତାର ଗତି ଓ ପ୍ରକୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ପ୍ରସନ୍ନ କୁମାର ସ୍ୱାଇଁ, କବି ବ୍ରହ୍ମାନନ୍ଦ ବିଶ୍ୱାଳ, ସୁଲୋଚନା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

## କଟକର ପରିମଳ, ପରିଚ୍ଛନ୍ନତା ପାଇଁ ଏକାଠି ହେଲେ ସାଧୁସନ୍ଥ

**କଟକ ଅଫିସ, ୩୦।୧୧**

କଟକର ବିଭିନ୍ନ ଧର୍ମୀୟ ଅନୁଷ୍ଠାନର ନେତୃସ୍ତରୀୟ ବ୍ୟକ୍ତି ଓ ସାଧୁସନ୍ଥମାନଙ୍କୁ ନେଇ ସ୍ଥାନୀୟ ଗାନ୍ଧୀଭବନଠାରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଜଳ ଯୋଗାଣ ଓ ସ୍ୱିରେଜ୍ ବୋର୍ଡ ଏବଂ ଜାପାନ୍ ଆନ୍ତର୍ଜାତିକ ସହଯୋଗୀ ସଂସ୍ଥାର ପ୍ରତିନିଧି ଗୌରୀଶଙ୍କର ମିଶ୍ର, ଶ୍ୟାମଲ କିଶୋର ଦାଶଙ୍କ ସମେତ ବିଭିନ୍ନ ଧର୍ମୀୟ ସଙ୍ଗଠନର ନେତୃସ୍ତରୀୟ ବ୍ୟକ୍ତିମାନେ ଉପସ୍ଥିତ ରହି ସହରର ପରିମଳ, ପରିଚ୍ଛନ୍ନତା କିପରି ବଜାୟ ରହିବ ତାହା ଉପରେ ଆଲୋଚନା କରିଥିଲେ। ଆଧୁନିକ ଜ୍ଞାନକୌଶଳରେ ନବନିର୍ମିତ ସ୍ୱେରେଜ୍ ସିଷ୍ଟମ୍, ସ୍ୱେରେଜ୍ ପମ୍ପିଙ୍ଗ୍ ଷ୍ଟେଶନ୍, ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଗୃହର ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱିରେଜ୍ ସିଷ୍ଟମ୍ ସହିତ ସଂଯୋଗ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ, ଇମ୍‌ତିଆଜ ଅବ୍‌ଦୁଲ, ବିଭୂତି ଭୂଷଣ ପତି, ନଟବର ବେହେରା, ଗୌତମ ପରିଡ଼ା, ଧୀରେନ୍ଦ୍ର ମହାପାତ୍ର, ନାରାୟଣ ଚନ୍ଦ୍ର ଗୋସ୍ୱାମୀ, ବି.କେ.ପ୍ରତାପ, ପାଷ୍ଟର୍ ହିମାଂଶୁ ରାଉତ, ମଧୁ ଭାଇ, ମଳୟ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

## ଚଳଚ୍ଚିତ୍ର 'ଏ ଦିଲ୍ ତତେ ଦେଲି' ର ଅଡିଓ ରିଲିଜ

**କଟକ ଅଫିସ, ୩୦।୧୧:** କଟକ ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ନୂଆ ଓଡିଆ ଚଳଚ୍ଚିତ୍ର 'ଏ ଦିଲ୍ ତତେ ଦେଲି' ର ଅଡିଓ ରିଲିଜ ହୋଇଛି। ଏହି ଚଳଚ୍ଚିତ୍ରରେ ୬ଟି ଗୀତ ଥିବାବେଳେ ଏହାକୁ ଲେଖିଛନ୍ତି ମାନସ ସାହୁ। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁର୍ସିଦ, ନାୟିକା ରିୟାନା ଶୁକ୍ଲା, ପ୍ରଯୋଜକ ଅଖିଳେଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେପ ବାଏ ଷ୍ଟେପର ପ୍ରଥମ ଅବଦାନରେ ଏହି ଫିଲ୍ମର ସମ୍ପୂର୍ଣ୍ଣ ଶୁଟିଂ ଶେଷ ହୋଇଥିବା ବେଳେ ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ଟିମ ପକ୍ଷରୁ ସୂଚନା ଦିଆଯାଇଛି।

■ ନିଶା ଖାଇବା ପାଇଁ ମୋବାଇଲ ଲୁଟୁଥିଲେ

# ୩ ଗ୍ୟାଙ୍ଗ୍‌ର ୯ ଗିରଫ

■ ୩୫ ମୋବାଇଲ ଜବତ
■ ସଫ୍ଟୱେର ବଦଳାଇ ବାହାର ରାଜ୍ୟକୁ ଚାଲାଣ କରୁଥିଲେ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ନିଶା ଖାଇବା ପାଇଁ ଟଙ୍କା ଯୋଗାଡ଼ ଲାଗି ମୋବାଇଲ୍ ଲୁଟୁଥିଲେ। ପରେ ତା'କୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ରାଜଧାନୀରେ ଏଭଳି ଲୁଟ୍‌ପାଟ କରୁଥିବା ୩ଟି ଗ୍ୟାଙ୍ଗ୍‌କୁ ଠାବ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଗ୍ୟାଙ୍ଗ୍‌ର ୯ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩୫ଟି ଦାମୀ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଲକ୍ଷ୍ମୀସାଗର, ବଡ଼ଗଡ଼ ଓ ଜଟଣୀ ଥାନା ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

ଲକ୍ଷ୍ମୀସାଗର ଅଞ୍ଚଳରୁ ଗିରଫ ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ସୁଶାନ୍ତ ମହାରଣା(୧୯) ଓ ଭୀମପୁର ଭୋଇସାହିର ଅଶ୍ୱିନୀ ପ୍ରଧାନ(୨୦)। ସେମାନଙ୍କ ନାଁରେ ଏକ ମାମଲା(୩୦୩/୧୮) ରୁଜୁ ହୋଇଛି। ସେହିଭଳି ବଡଗଡ ଥାନା ଅଞ୍ଚଳରୁ କେଦାରପଲ୍ଲୀ ବସ୍ତିର ବିବେକାନନ୍ଦ ଦଳାଇ(୨୨), ପିଏଚ୍‌ଡି ସାହିର ସୋନୁ ନାୟକ(୨୫), ଲିପୁ ନାୟକ(୨୨), କେଦାରପଲ୍ଲୀର ପ୍ରଦୀପ ନାୟକ(୨୧)ଙ୍କୁ ପୋଲିସ ଗିରଫ କରିଥିବାବେଳେ ଏ ନେଇ ଥାନାରେ ଏକ ମାମଲା(୩୩୬/୧୮) ରୁଜୁ ହୋଇଛି। ଏହାବ୍ୟତୀତ ଜଟଣୀ ଥାନାର ଏକ ମାମଲା(୪୦୦/୧୮)ରେ ଧର୍ମବିହାରର ରବି ନାରାୟଣ ସାହୁ(୨୦), ଯାଁଳାର ସନ୍ତୋଷ ନାୟକ(୨୨) ଓ ଜାଗମରାର ପିଙ୍କୁନ ସାହୁ (୨୪)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ଲାଗି ରାଜଧାନୀରେ ବିଭିନ୍ନ ଦେଶର ନାଗରିକ ଏବଂ ପର୍ଯ୍ୟଟକ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାରୁ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଛନ୍ତି। ଭିଡର ସୁଯୋଗ ନେଇ ସେମାନେ ଲୁଟପାଟ କରୁଛନ୍ତି। ବିଶେଷକରି ପାର୍କ ଓ ଜାତୀୟ ରାଜପଥରେ ଅନ୍ୟମନସ୍କ ରହୁଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ମୋବାଇଲ ଲୁଟ କରି ଚମ୍ପଟ ମାରୁଛନ୍ତି। ପରେ ଚୋରି ମୋବାଇଲର ସଫ୍ଟୱେର ବଦଳାଇ କମ୍ ମୂଲରେ ବାହାର ରାଜ୍ୟକୁ ଚାଲାଣ କରନ୍ତି ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ସମସ୍ତ ଅଭିଯୁକ୍ତ ନିଶା ଖାଇବା ପାଇଁ ଏଭଳି ଲୁଟ୍ କରୁଥିବା ସ୍ୱୀକାର କରିଛନ୍ତି ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଜଟଣୀରୁ ଖଣ୍ଡଗିରି ଆସୁଥିବା ଜଣେ ବିଦେଶିନୀଙ୍କଠାରୁ ଲାପଟପ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ଲୁଟ୍ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ କମିଶନର ସ୍ପେଶାଲ ସ୍କ୍ୱାଡ୍‌କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ।



ଗିରଫ ଅଭିଯୁକ୍ତ, ଜବତ ସାମଗ୍ରୀ।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ଦୁର୍ଘଟଣା :ଜଣେ ମୃତ, ୨ ଗୁରୁତର

ଖୋର୍ଦ୍ଧା ଅଫିସ,୩୦।୧୧:କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର କୁରାଡ଼ମଲ୍ଲଠାରେ ଶୁକ୍ରବାର ରାତି ପ୍ରାୟ ୯ଟା ୧୫ ମିନିଟ୍‌ରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ସିଦ୍ଧେଶ୍ୱରପୁର ଗାଁର ରାକେଶ ନାୟକ(୨୨)। ଆହତ ହେଲେ ମେହେନ୍ଦିପୁର ଶାନ୍ତନୁ ଦାଶ ଓ କୁରାଡ଼ମଲ୍ଲର ସନ୍ତୋଷ ସାମନ୍ତରାୟ। ସିଦ୍ଧେଶ୍ୱରପୁର ଗାଁର ରାକେଶ ଓ ମେହେନ୍ଦିପୁର ଶାନ୍ତନୁ ଏକ ବିବାହ ଭୋଜିରେ ଯୋଗ ଦେଇ ଗାଁ ଅଭିମୁଖେ ଫେରୁଥିଲେ। କୁରାଡ଼ମଲ୍ଲର ସନ୍ତୋଷ ସାମନ୍ତରାୟ ପାଦରେ ଚାଲି ଯାଉଥିବା ବେଳେ ବାଇକ୍ ଧକ୍କା ଦେଇ ପ୍ରାୟ ୧୦ ମିଟର ଦୂର ଡିଭାଇଡରକୁ ଧକ୍କା ଦେଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାକେଶଙ୍କ ମୃତ୍ୟୁ ହୋଇଥିଲା। ଚାଲି କରି ଯାଉଥିବା ସନ୍ତୋଷ କୋମାକୁ ଚାଲି ଯାଇଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ। ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ବାଇକ୍ ପଛ ପାଖରେ ବସିଥିବା ଶାନ୍ତନୁ ଖୋର୍ଦ୍ଧାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ବାଇକ୍ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ପି.ଏନ. କଲେଜରେ ନୂଆ ଅଧ୍ୟକ୍ଷ

ଖୋର୍ଦ୍ଧା ଅଫିସ,୩୦।୧୧:ଖୋର୍ଦ୍ଧା ପି.ଏନ. କଲେଜରେ ନୂତନ ଅଧକ୍ଷ ଭାବେ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସ୍ୱୟଂପ୍ରଭା ପଟ୍ଟନାୟକ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି। କଲେଜର ଅଧକ୍ଷ ବିଦ୍ୟାଧର ବେହେରା ଶୁକ୍ରବାର ଅବସର ଗ୍ରହଣ କରିବା ସହ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା ସମିତି ସଭାପତି ଜିତୁ ମିତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୪ର୍ଥ ଦିବସରେ ସଂସ୍କୃତି ମହୋତ୍ସବ

ଖୋର୍ଦ୍ଧା ଅଫିସ,୩୦।୧୧: ଜିଲା ସଦର ମହକୁମାର ହାବେଲୀ ପଡିଆରେ ପଲ୍ଲୀଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବ ୪ର୍ଥ ଦିବସରେ ପହଞ୍ଚିଛି। ସାଂସ୍କୃତିକ ସନ୍ଧ୍ୟାରେ ପ୍ରଥମେ ବେଗୁନିଆ ଘୋଡା ନାଚ ହୋଇଥିଲା। ପରେ ଖୋର୍ଦ୍ଧାର ପାଇକ ଆଖଡା, ନୀଳ ଶଇଳ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟକୁ ଶିଳ୍ପୀମାନେ ପରଷି ଥିଲେ। ଅନ୍ୟପକ୍ଷେ ଖୋର୍ଦ୍ଧାର ମଲଖମ୍ବରେ ମଲ ଯୋଦ୍ଧାମାନେ କୁସ୍ତି କସରତ ଦେଖାଇଥିଲେ। ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି କବିତା ଓ ହସକଥାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

### ଶ୍ରୀଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ଶେଷ

ପୁରୁଣା ଭୁବନେଶ୍ୱର, ୩୦।୧୧ (ଡି.ଏନ.ଏ.)- ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ନୀତିକାନ୍ତି ଶୁକ୍ରବାର ଶେଷ ହୋଇଛି। ଏଥିସହ ସନ୍ଧ୍ୟାରେ ଶ୍ରୀଜୀଉମାନେ ମାମୁ ଘର ନିକଟସ୍ଥ ମୈତ୍ରେୟେଶ୍ୱର ଦେବଙ୍କ ପୀଠକୁ ଯାତ୍ରା କରିବା ସହ ନୂତନ ବସ୍ତ୍ର ପରିଧାନ ପୂର୍ବକ ପୋଡୁଆଁ କାର୍ଯ୍ୟ ମଧ ସମାପନ ହୋଇଛି। ଠାକୁରଙ୍କ ଦୈନନ୍ଦିନ ନୀତି ଆଳତି ଅବକାଶ ସାହାଣମେଲା ଦର୍ଶନ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତି ସମ୍ପନ୍ନ ହୋଇଥିଲା। ପରେ ଭୋଗ ମଣ୍ଡପ ଶେଷ ହୋଇଥିଲା। ଏହାପରେ ଯାତ୍ରା ପୂଜା ଆରମ୍ଭ ହୋଇଥିଲା। ଠାକୁର ସୁସଜିତ ବିମାନ ଓ ପାଲିଙ୍କିରେ ବିରାଜ ମାନ କରିଥିଲେ। ରାତିରେ ମଶାଲ, କାହାଳୀ ଘଣ୍ଟ ଘଣ୍ଟା ଶୋଭାଯାତ୍ରାରେ ମାମୁଘର ମୈତ୍ରେୟେଶ୍ୱର ଯାତ୍ରା କରିଥିଲେ ବିଜେ। ସେଠାରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପ୍ରଥମାଷ୍ଟମୀ ନୀତିକାନ୍ତି। ମୈତ୍ରେୟେଶ୍ୱର ମନ୍ଦିରକୁ ଲାଗି ରହିଥିବା ଐତିହ୍ୟ ପାପନାଶିନୀ ପୁଷ୍କରିଣୀ ଜଳରେ ସ୍ନାନ କରିଥିଲେ ଠାକୁର। ପରେ ସେଠାରେ ଥିବା ପୂଜା ବେଦିରେ ଅନ୍ୟ ପୂଜାର୍ଚ୍ଚନା ସହ ନୂତନ ବସ୍ତ୍ର ପରିଧାନ କରିବା ସହ ପାଳିଆ ସେବାୟତ ଠାକୁରଙ୍କୁ ପୋଡୁଆଁ କରିଥିଲେ।

### ପୋଡୁଆଁ ହେଲେ ଅଲାରିନାଥ

ବ୍ରହ୍ମଗିରି, ୩୦।୧୧(ଡି.ଏନ୍.ଏ.)- ପ୍ରଥମାଷ୍ଟମୀ ଲାଗି ଶୁକ୍ରବାର ମହାପ୍ରଭୁ ଅଲାରନାଥ ପୋଡୁଆଁ ହୋଇଛନ୍ତି। ସକାଳୁ ମନ୍ଦିରର ଦ୍ୱାର ଫିଟାଯାଇ ସମସ୍ତ ନୀତିକାନ୍ତି ସମାପନ ପରେ ମେକାପ ପାଳିଆ ଶ୍ରୀଜୀଉଙ୍କୁ ନବବସ୍ତ୍ର ପରିଧାନ କରାଇ ପ୍ରଥମାଷ୍ଟମୀ ନୀତି ସମାପନ କରିଥିଲେ। ମଧାହ୍ନ ଧୂପ ପରେ ଠାକୁରଙ୍କୁ କ୍ଷୀର ଓ ଇଟିଲି ପୀଠା ଭୋଗ ଲାଗି କରାଯାଇଥିଲା।

■ ନିଶା ଖାଇବା ପାଇଁ ମୋବାଇଲ ଲୁଟୁଥିଲେ

# ୩ ଗ୍ୟାଙ୍ଗ୍‌ର ୯ ଗିରଫ

ଭୁବନେଶ୍ୱର/ଯାଁଳା, ୩୦।୧୧(ବ୍ୟୁରୋ/ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ।

ନିଶା ଖାଇବା ପାଇଁ ଟଙ୍କା ଯୋଗାଡ଼ ଲାଗି ମୋବାଇଲ୍ ଲୁଟୁଥିଲେ। ପରେ ତା'କୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ରାଜଧାନୀରେ ଏଭଳି ଲୁଟ୍‌ପାଟ କରୁଥିବା ୩ଟି ଗ୍ୟାଙ୍ଗ୍‌କୁ ଠାବ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଗ୍ୟାଙ୍ଗ୍‌ର ୯ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩୫ଟି ଦାମୀ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଲକ୍ଷ୍ମୀସାଗର, ବଡ଼ଗଡ଼ ଓ ଜଟଣୀ ଥାନା ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

ଲକ୍ଷ୍ମୀସାଗର ଅଞ୍ଚଳରୁ ଗିରଫ ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ସୁଶାନ୍ତ ମହାରଣା ଓ ଭୀମପୁର ଭୋଇସାହିର ଅଶ୍ୱିନୀ ପ୍ରଧାନ। ସେମାନଙ୍କ ନାଁରେ ଏକ ମାମଲା (୩୦୩/୧୮) ରୁଜୁ ହୋଇଛି। ସେହିଭଳି ବଡଗଡ ଥାନା ଅଞ୍ଚଳରୁ କେଦାରପଲ୍ଲୀ ବସ୍ତିର ବିବେକାନନ୍ଦ ଦଳାଇ , ପିଏଚ୍‌ଡି ସାହିର ସୋନୁ ନାୟକ, ଲିପୁ ନାୟକ, କେଦାରପଲ୍ଲୀର ପ୍ରଦୀପ ନାୟକଙ୍କୁ ପୋଲିସ ଗିରଫ କରିଥିବାବେଳେ ଏ ନେଇ ଥାନାରେ ଏକ ମାମଲା (୩୩୬/୧୮) ରୁଜୁ ହୋଇଛି। ଏହାବ୍ୟତୀତ ଜଟଣୀ ଥାନାର ଏକ ମାମଲା (୪୦୦/୧୮)ରେ ଧର୍ମବିହାରର ରବି ନାରାୟଣ ସାହୁ, ଯାଁଳାର ସନ୍ତୋଷ ନାୟକ ଓ ଜାଗମରାର ପିଙ୍କୁନ ସାହୁଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ଲାଗି ରାଜଧାନୀରେ ବିଭିନ୍ନ ଦେଶର ନାଗରିକ ଏବଂ ପର୍ଯ୍ୟଟକ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାରୁ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଛନ୍ତି। ଭିଡର ସୁଯୋଗ ନେଇ ସେମାନେ ଲୁଟପାଟ କରୁଛନ୍ତି। ବିଶେଷକରି ପାର୍କ ଓ ଜାତୀୟ ରାଜପଥରେ ଅନ୍ୟମନସ୍କ ରହୁଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ମୋବାଇଲ ଲୁଟ କରି ଚମ୍ପଟ ମାରୁଛନ୍ତି। ପରେ ଚୋରି ମୋବାଇଲର ସଫ୍ଟୱେର ବଦଳାଇ କମ୍ ମୂଲରେ ବାହାର ରାଜ୍ୟକୁ ଚାଲାଣ କରନ୍ତି ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ସମସ୍ତ ଅଭିଯୁକ୍ତ ନିଶା ଖାଇବା ପାଇଁ ଏଭଳି ଲୁଟ୍ କରୁଥିବା ସ୍ୱୀକାର କରିଛନ୍ତି ବୋଲି କମିଶନର କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଜଟଣୀରୁ ଖଣ୍ଡଗିରି ଆସୁଥିବା ଜଣେ ବିଦେଶିନୀଙ୍କଠାରୁ ଲାପଟପ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ଲୁଟ୍ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ କମିଶନର ସ୍ପେଶାଲ ସ୍କ୍ୱାଡ୍‌କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ।



ଆରଡିସି ଜିଲାପାଳ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

## ଆରଡିସିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଖୋର୍ଦ୍ଧା ଅଫିସ,୩୦।୧୧:

ଖୋର୍ଦ୍ଧା ଜିଲା ଗସ୍ତରେ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ ଶୁକ୍ରବାର ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଆଦି ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ପ୍ରଥମେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୁଝିବା ସହ କାଗଜାତ ଯାଞ୍ଚ କରିଥିଲେ। ଅନ୍ୟପକ୍ଷେ ନିର୍ବାଚନ କାର୍ଯ୍ୟର ତ୍ୱରାନ୍ୱିତ ନେଇ ଅନୁରୂପ ସମୀକ୍ଷା କରିଥିଲେ। ଫାଇନାଲ ଭୋଟର ତାଲିକା ୪ ଜାନୁୟାରୀରେ ପ୍ରକାଶ ପାଇବାକୁ ଥିବାବେଳେ ଏହା ଜାନୁୟାରୀ ୨୧କୁ ଘୁଞ୍ଚି ଯାଇଥିବା କହିଛନ୍ତି। ଗୋଟିଏ ବ୍ୟକ୍ତିଙ୍କ ନାଁ କେବଳ ଗୋଟିଏ ସ୍ଥାନର ଭୋଟର ତାଲିକାରେ ରହିବ। ଏଣୁ ଏକାଧିକ ସ୍ଥାନରେ ନାଁ ଥିବା ଭୋଟର ନାଁ ବାଦ ପଡିବାକୁ ଯାଉଛି ବୋଲି ଗଣମାଧ୍ୟମକୁ ଆରଡିସି କହିଛନ୍ତି। ଆରଡିସିଙ୍କ ସମୀକ୍ଷା ସମୟରେ ଜିଲାପାଳ, ଖୋର୍ଦ୍ଧା ଓ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଉପସ୍ଥିତ ଥିଲେ।

## ଲୋକକଳା ଉତ୍ସବରେ ପ୍ରତିଭା ସମ୍ମାନ



ଉତ୍ସବକୁ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ଉଦ୍‌ଘାଟନ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୩୦।୧୧:

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଗାଁରେ ଲୋକକଳା ଉତ୍ସବ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବନ ବିହାରୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁ ମୋଚନ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଅରୁଣ ଦାଶ, ସାମାଜିକ କର୍ମୀ ଆଚାର୍ଯ୍ୟ ଶରତ ଚନ୍ଦ୍ର ସେନ୍, ପୂଜା କମିଟିର ସଭ୍ୟ ପ୍ରମୋଦ ସେଠୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଗାଁ ଲୋକକଳା ଉତ୍ସବ ପ୍ରତିଭା ସମ୍ମାନ ଡ. ସୁଶାନ୍ତ କୁମାର ସାହୁ, ଶିକ୍ଷାବିତ୍ ଓ ପ୍ରବଚକ ଚନ୍ଦ୍ରଶେଖର ଦାଶ, ଯୁବ ସଙ୍ଗଠକ ସନ୍ତାପ ଜେନା, ସଂକୀର୍ତ୍ତନ ସଞ୍ଚାଳକ କାହ୍ନୁ ନାୟକ, ଶିଶୁ ହାସ୍ୟ କଳାକାର ଯଶୋବନ୍ତ ବେହେରା, ଲିଟିଲ୍ ଡ୍ୟାନ୍ସରେ ସୁଶ୍ରୀ ସାଇନା ଜେନା ଓ ବର୍ଷାରାଣୀ ପଣ୍ଡା ପ୍ରତିଭା ସମ୍ମାନ ପାଇଛନ୍ତି।

## ୩ୟ ଦିନରେ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଧାରଣା

ଟାଙ୍ଗୀ(ଖୋର୍ଦ୍ଧା), ୩୦।୧୮ (ଡି.ଏନ.ଏ.)

ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବାରେ ରାଜ୍ୟ ସରକାରଙ୍କ କୋହଳ ନୀତି ଲାଗୁ ନେଇ ଅଭିଯୋଗ ହୋଇଛି। ଏହାବ୍ୟତୀତ ମାଧ୍ୟମିକ ଶିକ୍ଷା ପରିଷଦର ଏମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ବିରୋଧରେ ଟାଙ୍ଗୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୨୦୦ ପ୍ରଶିକ୍ଷାର୍ଥୀ ଚଳାଇଥିବା ଧାରଣା ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ଶିକ୍ଷାବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ବୃଦ୍ଧିପାଇଛି। ଏହି ସରକାରୀ ପ୍ରାଥମିକ ଶିକ୍ଷକମାନେ ଦୀର୍ଘମାସ ପ୍ରଶିକ୍ଷଣ ପାଇବା ପରେ ମଧ ସେମାନଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଓଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ନଚେତ୍ ପ୍ରାଥମିକ ଶିକ୍ଷକରୁ ଉର୍ଦ୍ଧ୍ୱକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ତେଣୁ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଧାରଣାରତ ପ୍ରଶିକ୍ଷାର୍ଥୀମାନେ କହିଛନ୍ତି।

## ଡିଏଚ୍‌ଏଚ୍‌ର ୧୩ ଡାକ୍ତରଙ୍କ ବଦଳି

ଖୋର୍ଦ୍ଧା ଅଫିସ,୩୦।୧୧:

**୭ଜଣ ରିଲିଭ୍ ହେଲେ, ବିପର୍ଯ୍ୟସ୍ତ ହେବ ସ୍ୱାସ୍ଥ୍ୟସେବା**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ୍)ରୁ ୧୩ଜଣ ଡାକ୍ତରଙ୍କ ବଦଳି ହୋଇଛି। ତେବେ ବଦଳରେ ଡାକ୍ତର ଆସିନାହାନ୍ତି। ଏଥିରୁ ଶୁକ୍ରବାର ୭ ଜଣ ରିଲିଭ୍ ହୋଇଛନ୍ତି। ଟିବି ଓ ଚେଷ୍ଟ ଡାକ୍ତର ଉତ୍ପଳ କୁମାର ନନ୍ଦୀଙ୍କୁ ଛାଡି ଦେଲେ ରିଲିଭ୍ ହୋଇଥିବା ୬ ଡା. ଜରୁରିକାଳୀନ ଆଉଟ୍‌ଡୋରରେ ଡ୍ୟୁଟି କରୁଥିଲେ। ଏମାନଙ୍କର ବଦଳି ପରେ ଜରୁରୀକାଳିନ ଆଉଟ୍‌ଡୋରରେ ଡାକ୍ତର ମରୁଡି ଦେଖାଦେବ। ଶନିବାରଠାରୁ ରୋଗୀ ସ୍ୱାସ୍ଥ୍ୟସେବା ପାଇବେନି। ରିଲିଭ୍ ହୋଇଥିବା ଡାକ୍ତର ଟିବି ଓ ଚେଷ୍ଟ ଡା. ନନ୍ଦୀଙ୍କର ପୁରୀ, ସିନିୟର ମେଡିକାଲ ଅଫିସର ନୂତନ ପଣ୍ଡାଙ୍କର ଡାଇରେକ୍ଟର ଅଫିସ ଭୁବନେଶ୍ୱର, ସିନିୟର ମେଡିକାଲ ଅଫିସର ମମତା ଚୌଧୁରୀଙ୍କର ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ, ଶ୍ୟାମା ପ୍ରସାଦ ପାଣିଗ୍ରାହୀଙ୍କୁ କନ୍ଧମାଳ ସିନିୟର ମେଡିକାଲ ଅଫିସର, ଗଗନ ବିହାରୀ ପତିଙ୍କୁ କ୍ୟାପିଟାଲ ହସ୍ପିଟାଲ, ସିନିୟର ମେଡିକାଲ ଅଫିସର ନିହାର ରଞ୍ଜନ ତ୍ରିପାଠୀଙ୍କୁ କଟକ ସିଟି ହସ୍ପିଟାଲ, ଦ୍ୱାରିକାନାଥ ଶତପଥୀଙ୍କୁ ସିଡିଏମ ଅଫିସକୁ ବଦଳି ହୋଇଛି। ଅନ୍ୟପକ୍ଷେ ବଦଳି ହୋଇଥିବା ୬ ଡାକ୍ତର ପୁଣି ରିଲିଭ୍ ହେବେ। ସେହିଭଳି ଜିଲାର ୧୦ଟି ଗୋଷ୍ଠୀ ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ରର ୧୦ ଜଣ ମେଡିକାଲ ଅଫିସର ମଧ୍ୟରୁ ୭ ଜଣଙ୍କର ବଦଳି ହୋଇଛି। ଏମାନେ ମଧ ରିଲିଭ୍ ହୋଇ ଯାଇଛନ୍ତି। ଏମାନଙ୍କ ସ୍ଥାନ ଯଦିଓ ଭାରପ୍ରାପ୍ତ ଭାବେ ଦାୟିତ୍ୱ ହସ୍ତାନ୍ତର ହୋଇଛି। ଏଭଳି ସ୍ଥଳେ ଜିଲାରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିବ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାରତୀ ଭୂଷଣ ବରାଳ କୁହନ୍ତି, ଆଗକୁ ୭ ଦିନ ବହୁ ଅସୁବିଧା ହେବ। କାରଣ ବଦଳି ସ୍ଥାନ ପୂରଣ ନ ହୋଇ ରିଲିଭ୍ ହୋଇଥିବାରୁ ସମସ୍ୟା ଉପୁଜିଛି। ୭ ଦିନ ଭିତରେ ଯଦି ଡାକ୍ତର କାର୍ଯ୍ୟରେ ଯୋଗ ନ ଦିଅନ୍ତି ବାଧ ହୋଇ ସରକାରଙ୍କୁ ଅବଗତ କରାଯିବ। ଅନ୍ୟପକ୍ଷେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ଏଡାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

‘କଇଁଛ ମାଛବଂଶ ବୃଦ୍ଧିରେ ସହାୟକ ହୋଇଥାଏ’

## ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

କୃଷ୍ଣପ୍ରସାଦ,୩୦।୧୧(ଡି.ଏନ.ଏ.)

ଚିଲିକା,ନୂଆପଡ଼ା ରେଞ୍ଜ୍ ଅଫିସରେ ଶୁକ୍ରବାର ସାମୁଦ୍ରିକ କଇଁଛ ସୁରକ୍ଷା ଶିବିର ଓ ପ୍ରଶିକ୍ଷଣ ତାଲିମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ ସାମୁଦ୍ରିକ କଇଁଛର ସୁରକ୍ଷା ଓ ଏହାର ବଂଶବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ସୁପ୍ରଭାବ ପଡ଼ିଥାଏ ସେ ନେଇ ଆଲୋଚନା ହୋଇଥିଲା। ମାଛ ଅଣ୍ଡାଗୁଡ଼ିକୁ କିଛି ଜେଲି ଓ ପ୍ରବାଳ ଜାତିର ଜୀବ ଖାଇଯାନ୍ତି। ତେବେ କଇଁଛମାନେ ଏହି ଜେଲି ଆଦି ଜୀବଗୁଡ଼ିକୁ ଖାଇଯିବାରୁ ମାଛ ବଂଶବୃଦ୍ଧି ଘଟିଥାଏ ପ୍ରଶିକ୍ଷକମାନେ ବୁଝାଇଥିଲେ । ଶିବିରରେ ଚିଲିକା ବନ ସଂରକ୍ଷକ ମହେଶ୍ୱର ପଟ୍ଟନାୟକ, କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ପ୍ରଶିକ୍ଷକ ଡା. ଶିବପ୍ରସାଦ ପରିଡ଼ା, ସତ୍ୟରଞ୍ଜନ ବେହେରା ଓ ରମ୍ଭା ରେଞ୍ଜର ନଗେନ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସାତପଡ଼ା ରେଞ୍ଜର ମାନସ ରଞ୍ଜନ ମହାପାତ୍ର, ଚିଲିକା, ନୂଆପଡା ରେଞ୍ଜର ଗଙ୍ଗାଧର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଯୁବକ ସଂଘର ବାର୍ଷିକ ସମାରୋହ ଉଦ୍‌ଯାପିତ

ଟାଙ୍ଗୀ(ଖୋର୍ଦ୍ଧା), ୩୦।୧୧(ଡି.ଏନ.ଏ.)

କେଶରକ୍ଷେତ୍ର ରୂପେ ପରିଚିତ ଶ୍ରୀ ଶ୍ରୀଚଣ୍ଡୀହରଦେବଙ୍କ କାର୍ତ୍ତିକ ପୂର୍ଣ୍ଣିମା ମେଳା ସମ୍ପନ୍ନ ହୋଇସାରିଛି। ଏହି ଅବସରରେ ଶୁକ୍ରବାର ଚଣ୍ଡୀକାନ୍ତ ଯୁବକ ସଂଘର ୬ଷ୍ଠ ବାର୍ଷିକ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ସାମନ୍ତରାୟ ଅଧକ୍ଷତା କରିଥିଲେ। ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟଅତିଥି ଓ ଚଣ୍ଡେଶ୍ୱର ସରପଞ୍ଚ ସୁଧାକର ମହାପାତ୍ର, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ନାରାୟଣ ରଣା, ପ୍ରଭାତ ରଣା, ହରିହର ପାତ୍ର, ଯୁଧିଷ୍ଠିର ରଣା ଏବଂ ପ୍ରଭାତ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଂଘ ସମ୍ପାଦକ ଜିତେନ୍ଦ୍ର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ କି ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା।

## ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ, ରାଶନ କାର୍ଡ ବଣ୍ଟନ



ପ୍ରକଳ୍ପ ଶିଳାନ୍ୟାସ ଓ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଓ ଅନ୍ୟମାନେ।

କୃଷ୍ଣପ୍ରସାଦ,୩୦।୧୧(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଛନ୍ତି । ପୂର୍ବରୁ ଏହି ବ୍ଲକ୍‌ର ୧୪ ପଞ୍ଚାୟତରେ କାର୍ଡ ବଣ୍ଟନ କାର୍ଯ୍ୟ ସରିଛି। ଅବଶିଷ୍ଟ ୭ ପଞ୍ଚାୟତର ୪୯୫ ହିତାଧିକାରୀଙ୍କୁ ବର୍ତ୍ତମାନ ବଣ୍ଟନ କରାଯାଉଛି। ଏହି ଅବସରରେ ସାତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହଙ୍କ ଅଧକ୍ଷତାରେ କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ସାତପଡ଼ା ସରପଞ୍ଚ ତ୍ରିନାଥଚନ୍ଦ୍ର ସାମନ୍ତରାୟ ଓ ଜିଲା ପରିଷଦରୁ ସଭ୍ୟା ବନ୍ଦନା ପ୍ରଧାନ ପ୍ରମୁଖ ସଭାରେ ଯୋଗଦେଇଥିଲେ। ବର୍ଷସାରା ରାଶନ କାର୍ଡ ବଣ୍ଟନ କରାଯିବ ବୋଲି ବିଧାୟକ କହିଥିଲେ। ସେ ତାଳମ୍ବରସ୍ଥିତ ଆଖଣ୍ଡଳେଶ୍ୱର ଦେବଙ୍କ ପୀଠ ଓ ଗିଲିନାସୀ ଗ୍ରାମରେ ୨ଟି ନୂତନ କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ। ଦାସବର୍ମା ନବୀନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଜେଡି ନେତା ହେମନ୍ତ କୁମାର ଜେନା, ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ସାହୁ, ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ, ଜିଲା ପରିଷଦରୁ ପ୍ରଭାତୀ ପ୍ରଧାନ, ସିଆଣ୍ଡି ସରପଞ୍ଚ ଅନୀତା ନାୟକ, ଶିଆଳ ସରପଞ୍ଚ ଗୀତାଞ୍ଜଳି ଦଳାଇ, ପ୍ରବୀର କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ, ପବିତ୍ର କୁମାର ମଲିକ, ଆଖଣ୍ଡଳେଶ୍ୱର ଦେବ ପରିଚାଳନା କମିଟ ସଭାପତି ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବୋଲଗଡ଼,୩୦।୧୧(ଡି.ଏନ.ଏ.)



ବଣରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି।

ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତସ୍ଥ ସହଜପୁର ଗ୍ରାମ ରୂପେଇ ପୋଖରୀ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ଅସୁରକ୍ଷିତ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ବିପଜ୍ଜନକ ଅବସ୍ଥାରେ ଏଠାରୁ ବିଦ୍ୟୁତ୍ ଗ୍ରାମକୁ ଯୋଗାଣ ହେଉଛି। ଏହାର ଚତୁଃପାର୍ଶ୍ୱରେ ପାଚେରି ବ୍ୟବସ୍ଥା ନାହିଁ ଓ ଟ୍ରାନ୍ସଫର୍ମର୍‌ଟି ଲଟାବୁଦା ଓ ଅନାବନା ଗଛ ଦ୍ୱାରା ଢାଙ୍କି ହୋଇରହିଛି। ଏହାର ପ୍ରାୟ ୫୦ଫୁଟ ଦୂରରେ ଏକ ବିଦ୍ୟାଳୟ ଓ ନିକଟରେ ବାସଗୃହ ରହିଛି। ମୁଖ୍ୟରାସ୍ତାର ପାର୍ଶ୍ୱରେ ଥିବାରୁ ଟ୍ରାନ୍ସଫର୍ମର୍‌ଟି ମଣିଷ ତଥା ଜୀବଜନ୍ତୁଙ୍କ ପ୍ରତି ବିପଦ ପାଲଟିବା ଆଶଙ୍କା ସୃଷ୍ଟି କରିଛି। ତେଣୁ ତୁରନ୍ତ ଏହାର ଚାରିପାର୍ଶ୍ୱରେ ପାଚେରି ନିର୍ମାଣ ସହ ବୃକ୍ଷଲତା ହଟାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ କଟିଲା ଅନ୍ତ୍ୟୋଦୟ କାର୍ଡ

# ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଚାନନ ବାଦ୍

**ଗୁହାରି କେହି ଶୁଣିଲେନି**

ବେଗୁନିଆ,୩୦।୧୧ (ଡି.ଏନ.ଏ.)



ପଞ୍ଚାନନ ସାହୁ।

ରାଜ୍ୟରେ ଆଉ କେହି ଭୋକିଲା ରହିବେ ନାହିଁ ବୋଲି ରାଜ୍ୟ ସରକାର ପ୍ରଚାର କରି ଚାଲିଛନ୍ତି। ହେଲେ ତଳସ୍ତରର ଅଧିକାରୀ କେତେଦୂର ଗ୍ରାମାଞ୍ଚଳର ପ୍ରକୃତ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରୁଛନ୍ତି ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖୋଦ ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ୱାର୍ଡ ନଂ. ୧୫ରେ ଏଭଳି ବ୍ୟତିକ୍ରମ ଦେଖାଦେଇଛି। ବାରମ୍ବାର ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ଜିଲାପାଳଙ୍କ ପାଖରେ ଅଭିଯୋଗ ସତ୍ତ୍ୱେ ଗୁହାରି କେହି ଶୁଣୁ ନାହାନ୍ତି। ଯୋଜନାରେ ସାମିଲ କରିବା ତ ଦୂରର କଥା ମାତ୍ର ତାଙ୍କ ଅନ୍ତ୍ୟୋଦୟ କାର୍ଡକୁ ମଧ କାଟି ଦେଇଛନ୍ତି। ପ୍ରକାଶ ଥାଉ କି ପଞ୍ଚାନନ ସାହୁ(୫୨) ଦିନ ମଜୁରିଆ ଭାବେ ଏଠି ସେଠି କାମ କରି ପରିବାରର ୪ ସଦସ୍ୟଙ୍କୁ ଭରଣପୋଷଣ କରନ୍ତି। ଏବେ ଯାଏ ତାଙ୍କର ବିପିଏଲ ତାଲିକାରେ ନାମ ଅନ୍ତର୍ଭୁକ୍ତ ଥାଇ ମଧ ସେ ସରକାରୀ ବାସ ଖଣ୍ଡିଏ ପାଇ ପାରିଲେ ନାହିଁ। ଏଥିସହ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୧୫ ମେ ୧୧ରେ ତାଙ୍କ ସ୍ତ୍ରୀ ମିନତିଙ୍କ ନାମରେ କ୍ରମିକ ନଂ. ୬୫୩ରେ ପଞ୍ଜୀକରଣ ହୋଇଥିଲା। ହେଲେ ଏବେ ଯାଏ ତାଙ୍କୁ କୌଣସି ସାମଗ୍ରୀ ମିଳିଲା ନାହିଁ। ପରେ ସେ ୨୦୧୮ ଅଗଷ୍ଟ ୨୦ରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିଲେ ମଧ ୩ ମାସ ଅତିକ୍ରମ କଲାଣି। ହେଲେ ତାଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଅନ୍ୟପକ୍ଷରେ ପଞ୍ଚାନନଙ୍କ ନାମରେ ଥିବା ଅନ୍ତ୍ୟୋଦୟ କାର୍ଡ ନଂ. ୪୦୬୨୧୪କୁ ପ୍ରଶାସନ ପକ୍ଷରୁ କାଟି ଦିଆଯାଇଛି। ଏବେ ସେ ପରିବାର ପାଇଁ ଏକ କାର୍ଡ କରିବାକୁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ରବି ନାରାୟଣ ମାଝି କୁହନ୍ତି, ମୁଁ ଏବେ ନୂତନ ଭାବେ ଯୋଗ ଦେଇଛି। ତଥାପି ପଞ୍ଚାନନଙ୍କ ଅଭିଯୋଗ ପାଇବା ପରେ ପ୍ରକୃତ ଅନୁଧାନ କରୁଛି। ଯଦି ସେ କାର୍ଡ ପାଇବାକୁ ହକଦାର ହେବେ ତେବେ ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଡିସେମ୍ବର, ୨୦୧୮



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
-ଗୁରୁ ନାନକ



## ସଂକ୍ଷେପରେ

### ପୋଢୁଆଁ ହେଲେ ଅଲାରନାଥ

ବ୍ରହ୍ମଗିରି, ୩୦।୧୧(ଡି.ଏନ୍.ଏ.): ଥମାଷ୍ଟମୀ ଲାଗି ଶୁକ୍ରବାର ମହାପ୍ରଭୁ ଅଲାରନାଥ ପୋଢୁଆଁ ହୋଇଛନ୍ତି। ସକାଳୁ ମନ୍ଦିରର ଦ୍ୱାର ଫିଟାଯାଇ ସମସ୍ତ ନୀତିକାନ୍ତି ସମାପନ ପରେ ମେକାପ ପାଳିଆ ଶ୍ରୀଜିଉଙ୍କୁ ନବବସ୍ତ୍ର ପରିଧାନ କରାଇ ପ୍ରଥମାଷ୍ଟମୀ ନୀତି ସମାପନ କରିଥିଲେ। ମଧାହ୍ନ ଧୂପ ପରେ ଠାକୁରଙ୍କୁ କ୍ଷୀର ଓ ଇଟିଲି ପୀଠା ଭୋଗ ଲାଗି କରାଯାଇଥିଲା। ଏଥିପାଇଁ ଦିନ ତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା।

### ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପାଳିତ

ପୁରୀ ଅଫିସ,୩୦।୧୧: ଶ୍ରୀମନ୍ଦିରରେ ଶୁକ୍ରବାର ପାଳିତ ହୋଇଛି ପବିତ୍ର ପ୍ରଥମାଷ୍ଟମୀ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗ ମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି କରିବା ପରେ ବେଶ ହୋଇଥିଲା। ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଇଥିଲା। ଦ୍ୱିପ୍ରହର ଧୂପ ପରେ ମଙ୍ଗଳାର୍ପଣ ବଢ଼ିବା ପରେ ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା।

### ବରାଳ ବାଲୁଙ୍କେଶ୍ୱର ମନ୍ଦିର ପୂରଣ ହେଲା ନିର୍ବାହୀ ଅଧିକାରୀ ପଦ

ପୁରୀ ଅଫିସ,୩୦।୧୧: ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବରାଳ ବାଲୁଙ୍କେଶ୍ୱର ମନ୍ଦିରର ନିର୍ବାହୀ ଅଧିକାରୀ ପଦବୀ ୨୦୧୬ ମସିହାରୁ ଖାଲିପଡିଥିଲା। ଏହି ପଦବୀରେ ସାକ୍ଷୀଗୋପାଳର ଦେବୋତ୍ତର ନିରୀକ୍ଷକ ବସନ୍ତ କୁମାର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଗତ ୨୮ ତାରିଖରେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବରାଳ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ଏକ ପ୍ରସିଦ୍ଧ ଶୈବପୀଠ। ଏହା ଦେବୋତ୍ତର ବିଭାଗ ଅଧୀନରେ ରହିଛି।

### ଷ୍ଟୋଭ ଫାଟି ମହିଳା ଗୁରୁତର

ନିମାପଡ଼ା,୩୦।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅଧୀନ ତଳଅଣ୍ଡିଆ ଗ୍ରାମରେ ଶୁକ୍ରବାର ଷ୍ଟୋଭ ଫାଟିଯିବାରୁ ନିଆଁରେ ପୋଡି ହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଟିକିନା ନାୟକ। ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଟିକିନା ରୋଷେଇ କରୁଥିବା ବେଳେ ଷ୍ଟୋଭ ଫାଟିଯିବା ଫଳରେ ସେ ନିଆଁରେ ପୋଡି ହୋଇଯାଇଥିବା ତାଙ୍କ ସ୍ୱାମୀ ରବୀନ୍ଦ୍ର ଭୋଇ କହିଛନ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଟିକିନାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ନିଆଁରେ ପୋଡିଯାଇଛି। ଏ ନେଇ ଡାକ୍ତରଖାନା ପକ୍ଷରୁ ସ୍ଥାନୀୟ ପୋଲିସକୁ ଜଣାଯାଇଛି। ସୂଚନାଥାଉକି, ନୟାଗଡ଼ ଅଞ୍ଚଳର ଟିକିନା ୭ମାସ ପୂର୍ବେ ରବୀନ୍ଦ୍ରଙ୍କୁ ବିବାହ କରିଥିଲେ।

### କାୟାକଳ୍ପ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କଣାସ,୩୦।୧୧(ଡି.ଏନ୍.ଏ.): ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ, ପରିମଳ ଓ ସ୍ୱଚ୍ଛତା ଅନୁଧ୍ୟାନ ପାଇଁ ପୁରୀ ଜିଲା କାୟାକଳ୍ପ ଟିମ୍ ଶୁକ୍ରବାର ଡେଲାଙ୍ଗ ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜନସ୍ୱାସ୍ଥ୍ୟ ଏଡିଏମ୍‌ଓ ଡ.ଅଶୋକ କୁମାର ସେଠ, ଡ. ଡି.ନାରାୟଣ ରାଓ ପ୍ରମୁଖ ଇନ୍ଦିପୁର, କଲ୍ୟାଣପୁର ଓ ହରିରାଜପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।। କଲ୍ୟାଣପୁର ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣସମିତି ପକ୍ଷରୁ ଶିକ୍ଷାବିତ୍ ଅଭିନ୍ନାନନ୍ଦ ପ୍ରଧାନ, ଚକ୍ରଧର ପ୍ରଧାନ, ପ୍ରସନ୍ନ ତ୍ରିପାଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ଏହି ଟିମ୍‌ଙ୍କ ସହ ଆଲୋଚନା କରିଥିଲେ।

### ଐଶାନେଶ୍ୱରଙ୍କ ପାଖରେ ଲାଗିହେଲା ନବାନ୍ନ

ବ୍ରହ୍ମଗିରି, ୩୦।୧୧(ଡି.ଏନ୍.ଏ.): ବ୍ରହ୍ମଗିରି ଅଞ୍ଚଳର ଚବିଶ କୁଦ ମଉଡ଼ମଣୀ ଐଶାନେଶ୍ୱର ଦେବଙ୍କ ନିକଟରେ ଶୁକ୍ରବାର ନବାନ୍ନ ଲାଗିହୋଇଛି। ଚାଷୀମାନେ ସେମାନଙ୍କ ଆରାଧ ଐଶାନେଶ୍ୱର ଦେବଙ୍କ ନିକଟରେ ଚାଷର ପ୍ରଥମ ଅମଳ ଭୋଗ ଲଗାଇଥାନ୍ତି। ଏହି ପରମ୍ପରାକୁ ପାଳନ କରିବା ପାଇଁ ପ୍ରଥମାଷ୍ଟମୀ ତିଥିରେ ଠାକୁରଙ୍କ ନିକଟରେ ନୂଆଖିଆ ପର୍ବ ଅନୁଷ୍ଠିତ ହୋଇଥିଲା। ଏନେଇ ବ୍ରହ୍ମଗିରି ୨୪କୁଦ ମୌଜାରୁ ଭକ୍ତମାନେ ଠାକୁରଙ୍କ ନିକଟରେ ଏହି ନବାହ୍ନ ସମର୍ପଣ କରିଥିଲେ। ସାହାସପୁର ଗ୍ରାମବାସୀ ଓ ୨୪ କୁଦ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ନୂଆ ଚାଉଳ, ପନିପରିବା ଠାକୁରଙ୍କ ନିକଟରେ ଭୋଗ କରାଯାଇଥିଲା।

# ଆଜିଠୁ କୋଣାର୍କ ମହୋତ୍ସବ

## ନୃତ୍ୟଶିଳ୍ପୀଙ୍କ ଅପେକ୍ଷାରେ ମୁକ୍ତାକାଶ ରଙ୍ଗମଞ୍ଚ

କୋଣାର୍କ, ୩୦।୧୧(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ ଶନିବାରଠାରୁ ଡିସେମ୍ବର ୫ ବୁଧବାର ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ କୋଣାର୍କ ମହୋତ୍ସବ। ଏଥିପାଇଁ କୋଣାର୍କ-ପିପିଲି ରାସ୍ତାର ମାଧିପୁର ଛକଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ତୋରଣ, ଚାନ୍ଦୁଆ ଓ ଲିଟୁରେ କୋର୍ଣାକକୁ ନବବଧୂ ପରି ସଜାଯାଇଛି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପର୍ଯ୍ୟଟନ ବିଭାଗ ସହିତ ପୁରୀ ଜିଲା ପ୍ରଶାସନ ଓ କୋଣାର୍କ ଏନ୍‌ଏସି ମିଳିତ ଉଦ୍ୟମ ଚଳାଇଛନ୍ତି। ସୂର୍ଯ୍ୟମନ୍ଦିର ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ନୃତ୍ୟ ପରିବେଷଣ କରାଯିବ। ଓଡ଼ିଶୀ ସହ ଭାରତନାଟ୍ୟମ୍, କଥକ, କୁଚିପୁଡି, ସତ୍ରିୟ ନୃତ୍ୟ ପରିବେଷଣ କରାଯିବ। ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ୧ତାରିଖ ସକାଳ ୭ଟାରେ ଗଣଦୌଡ଼ ଆୟୋଜିତ ହେବ। ଏତଦ୍‌ବ୍ୟତୀତ ୨୦୧୫ରୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଉତ୍ସବ ସମୟରେ ସାହିତ୍ୟ ଆସରକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, କବି ଓ ସାହିତ୍ୟପ୍ରେମୀଙ୍କର ସମାଗମ ହେବ। ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାପ୍ରେମୀ ଦର୍ଶକଙ୍କ ନିମନ୍ତେ ଟୁର୍ ପ୍ୟାକେଜ୍ ଓ ସିଜନ ଟିକେଟ୍‌ର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କୋଣାର୍କ ଅର୍ବାନ ହାଟ ପରିସରରେ ତୃତୀୟ ଥର ପାଇଁ କୋଣାର୍କ ପୁସ୍ତକ ମେଳା କମିଟି, କୋଣାର୍କ ସାହିତ୍ୟ ଉତ୍ସବ ଓ ଅର୍କଶ୍ରୀ ପକ୍ଷରୁ ପୁସ୍ତକମେଳା ଅନୁଷ୍ଠିତ ହେବ। ଚନ୍ଦ୍ରଭାଗାଠାରେ ପ୍ରଥମଥର ପାଇଁ ଚଳିତ ବର୍ଷ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ଉତ୍ସବ ପାଇଁ ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ୮ ପ୍ଲାଟୁନ ପୋଲିସ ଫୋର୍ସ କୋଣାର୍କ ସମେତ ଚନ୍ଦ୍ରଭାଗାଠାରେ ମୁତୟନ ହେବେ।


କୋଣାର୍କ ମହୋତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ମୁକ୍ତାକାଶ ରଙ୍ଗମଞ୍ଚ।

### ଚନ୍ଦ୍ରଭାଗାରେ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ

ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଶନିବାରଠାରୁ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଆରମ୍ଭ ହେବ। ଏଥିପାଇଁ ସମସ୍ତ ଷ୍ଟଲ୍ ନିର୍ମାଣ ଶେଷ ହୋଇଛି। ଏ ବର୍ଷ ପ୍ରଥମଥର ପାଇଁ ଦେଶ ବିଦେଶର ୧୦୦ଜଣ ବାଲୁକାଶିଳ୍ପୀ ଏଥିରେ ଯୋଗଦେଇ ନିଜର କଳାକୃତି ପ୍ରଦର୍ଶନ କରିବେ। ଆମେରିକା, ହଲାଣ୍ଡ, ସ୍ପେନ୍, ଜାପାନ, ଇଟାଲୀ ଓ ଶ୍ରୀଲଙ୍କାରୁ ଜଣେ ଲେଖାଏଁ ଏବଂ ବାହାର ରାଜ୍ୟ ଗୁଜରାଟ, ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରୁ ୧୦ଜଣଙ୍କ ସମେତ ଓଡ଼ିଶାର କଳାକାର ସାମିଲ ହେବେ। ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଷ୍ଟଲରେ ଓଡ଼ିଶାର ୨୫ଜଣ ମହିଳା କଳାକାର ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଷ୍ଟଲରେ ୨ଜଣ ଦିବ୍ୟାଙ୍ଗ କଳାକାର ଅଂଶଗ୍ରହଣ କରିବେ। ବାହାର ରାଜ୍ୟର ବାଲୁକାଶିଳ୍ପୀଙ୍କ ମଧ୍ୟରେ ଏକକ ପ୍ରତିଯୋଗିତା ଆୟୋଜିତ ହେବ ଏବଂ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଳ୍ପୀଙ୍କୁ ୫୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହି ଉତ୍ସବର ଏକ ସ୍ୱତନ୍ତ୍ର ଷ୍ଟଲରେ ବିଶ୍ୱକପ୍ ହକି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ବାଲୁକା କଳା ପ୍ରସ୍ତୁତ କରିବେ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପ୍ରଥମ ଦିବସ(୧ତାରିଖ)ରେ ବାଲୁକା କଳାର ଥିମ୍ ରହିଛି ହକି ବିଶ୍ୱକପ୍। ସେହିପରି ଅନ୍ୟ ଦିନମାନଙ୍କରେ ନାରୀ ସଶକ୍ତୀକରଣ, ମେଳା ମହୋତ୍ସବ, ଇକୋ ଟୁରିଜମ୍ ଆଦି ଥିମ୍ ରହିବ ବୋଲି ମହୋତ୍ସବର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି। ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଏହି କଳାକୃତିକୁ ଉପଭୋଗ କରିପାରିବେ।

# ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ: ଜେଲ ଗଲେ ଯୁବକ

କାକଟପୁର, ୩୦।୧୧(ଡି.ଏନ୍.ଏ.)



ସୋସିଆଲ ମିଡିଆର ଅପବ୍ୟବହାର କରିବା ଜନୈକ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏଥିଲାଗି ତାଙ୍କୁ ଚାକିରି ହରାଇବା ସହ ଜେଲ୍ ଯିବାକୁ ପଡ଼ିଛି। ସେ ହେଲେ ଅସ୍ତରଙ୍ଗ ବ୍ଲକ ମାଳଦା ଗ୍ରାମର ଅମିୟ ରଞ୍ଜନ ବାରିକ। ଅମିୟ ସୁଦୂର ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଗତ କେତେମାସ ହେବ ସୋସିଆଲ୍ ମିଡିଆରେ ଫେକ୍ ଆଇଡି ଖୋଲି କାକଟପୁର ବିଧାୟକ, ଅସ୍ତରଙ୍ଗ ପଞ୍ଚାୟତର ସମିତି ସଭ୍ୟ, ନାଏବ ସରପଞ୍ଚ ପ୍ରମୁଖଙ୍କ ନାମରେ ନିୟମିତ ଆପତ୍ତିଜନକ ଲେଖା ଓ ଫଟୋ ପୋଷ୍ଟ କରୁଥିଲେ। ଏ ସମ୍ପର୍କରେ ନାଏବ ସରପଞ୍ଚ ଉପେନ୍ଦ୍ର ବାରିକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୬୩/୧୮ରେ ଦଫା ନଂ. ୨୯୪, ୨୯୨, ୫୦୬, ୫୦୭ ଏବଂ ୬୭ ଆଇଟି ଆକ୍ଟରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ୨ଟି ମୋବାଇଲ୍ ନମ୍ବରକୁ ଟ୍ରାକ୍ କରିବାରୁ ବେଙ୍ଗାଲୁରୁରୁ ଏହା ପୋଷ୍ଟ ହେଉଥିବା ଆଇଆଇସି ବୁଲୁ ମୁଣ୍ଡା ଜାଣିବାକୁ ପାଇଥିଲେ। ପରେ ମୁଣ୍ଡାଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ ବେଙ୍ଗାଲୁରୁ ଯାଇ ଅମିୟଙ୍କୁ ଗିରଫ କରିଥିଲା। ଗୁରୁବାର ରାତିରେ ତାଙ୍କୁ ଅସ୍ତରଙ୍ଗ ଅଣାଯିବା ପରେ ଶୁକ୍ରବାର ନିମାପଡ଼ା କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଯାଇଛି। ଅମିୟ ବ୍ୟବହାର କରୁଥିବା ୨ଟି ସ୍ମାର୍ଟଫୋନ୍ ଓ ୪ଟି ସିମ୍‌କାର୍ଡକୁ ପୋଲିସ ଜବତ କରିଛି। ଅମିୟଙ୍କୁ ଏଠାରୁ ଫଟୋ, ଲେଖା ଓ ତଥ୍ୟ ଯୋଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ ଖୋଳତାଡ଼ କରୁଛି।


ସାଇକ୍ଲୋଥନ୍‌ରେ ଭାଗନେଇଥିବା ଛାତ୍ରୀଛାତ୍ର।

## କୋଣାର୍କ ମହୋତ୍ସବ ପାଇଁ ସାଇକ୍ଲୋଥନ୍

କୋଣାର୍କ, ୩୦।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତରେ କୋଣାର୍କ ପ୍ରେସକ୍ଲବ ଆନୁକୂଲ୍ୟରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରୁ ସାଇକୋଥନ୍ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ୮ଟା ସମୟରେ ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ଓ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ବିଜୟକୁମାର ଜେନା ମିଳିତ ଭାବରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକ ସମ୍ମୁଖରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି ଶୋଭାଯାତ୍ରା ବାହାରି ଚନ୍ଦ୍ରଭାଗା ଦେଇ ରାମଚଣ୍ଡୀ ପୀଠରେ ପହଞ୍ଚିଥିଲା। କୋଣାର୍କକୁ ପ୍ଲାଷ୍ଟିକ ମୁକ୍ତ କରିବାର ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀମାନେ ଏହି ଶୋଭାଯାତ୍ରରେ ସାମିଲ ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସୋଲାର ସମ୍ପାଦକ ହରିଶଚନ୍ଦ୍ର ଦାଶ, ଶିକ୍ଷକ ରବିନ୍ଦ୍ରନାଥ ବାହିନିପତି, ସୁବାସ ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ପ୍ରେସକ୍ଲବର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

## ଗୋଲେଖ ଭାଇ କୃଷିଟୁଙ୍ଗି ଉଦ୍‌ଘାଟିତ

କଣାସ, ୩୦।୧୧(ସ୍ୱ.ପ୍ର.)

ବୋଲକଣା ଗ୍ରାମର ପାଟଅଗଣାଠାରେ ସେଭ୍ ଦି ଆର୍ଥ ଫାଉଣ୍ଡେଶନ ତରଫରୁ ଗୋଲେଖ ଭାଇ କୃଷିଟୁଙ୍ଗି ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁଙ୍ଗିକୁ ଅରୁଣ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। କୃଷକ ଭାଇମାନଙ୍କର ଚାଷବାସ ଜନିତ ସମସ୍ୟାର ସମାଧାନ ହେବା ସହିତ ଏହି ଟୁଙ୍ଗିରେ କୃଷି ବହି, ଅଡିଓ ସିଡୀ ଓ କୃଷିପତ୍ରିକା ରହିବ, ଯାହାକୁ ପରବର୍ତ୍ତୀ ସମୟରେ ଚାଷୀମାନେ ଉପଯୋଗ କରିପାରିବେ। କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୋଲକଣା ଗ୍ରାମର ପ୍ରଭାକର ପ୍ରଧାନଙ୍କୁ କୃଷକ ଭାଇ ସମ୍ମାନ ସେଭ୍ ଦି ଆର୍ଥ ଫାଉଣ୍ଡେଶନ ତରଫରୁ ସମ୍ମାନିତ କରାଯାଇଥିଲା। କୃଷିଟୁଙ୍ଗିର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଅରୁଣ କୁମାର ଆଲୋଚନା କରିଥିଲେ। ଏଥିରେ ତୁଷାର କାନ୍ତ ମହାନ୍ତି କ୍ୟାମ୍ପେନ୍ ଅଫିସର, ଡାଇରେକ୍ଟର ଏଗ୍ରିକଲ୍‌ଚର୍ ଭୁବନେଶ୍ୱର କୃଷିଟୁଙ୍ଗିର ପ୍ରଚାର ପ୍ରସାର ପାଇଁ ଗୁରୁତ୍ୱ ଦେଇଥିଲେ। ଚାଷୀଭାଇମାନଙ୍କୁ ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ସାର ମାଗଣା ବଣ୍ଟାଯାଇଥିଲା। ସଭାକୁ ବଟକୃଷ୍ଣ ସ୍ୱାଇଁ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ଯୁବ ବାହିନୀ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ

ସାକ୍ଷୀଗୋପାଳ, ୩୦।୧୧(ଡି.ଏନ୍.ଏ.)

ଗ୍ରାମାଞ୍ଚଳ ଭଲିବଲ ଖେଳାଳୀ ମାନଙ୍କ ମଧ୍ୟରେ ରହିଥିବା ପ୍ରତିଭା ମାନଙ୍କୁ ଚିହ୍ନଟକରି ପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯାଗିତାରେ ଭାଗ ନେବା ନିମନ୍ତେ ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ଭଲିବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଦୁଗଲ ଗ୍ରାମ ପଞ୍ଚାୟତର ବୀରଗୋବିନ୍ଦପୁର, ଦୁଗଲ, ବଡ଼ହାଟ, ପଞ୍ଚୁକେରା, ଅଠେଇଶ ଗ୍ରାମର ଭଲି ଖେଳାଳୀ ମାନଙ୍କୁନେଇ ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ଯଦୁମଣି ପ୍ରଧାନ, ବିଜୁଯୁବ ବାହିନୀର ବ୍ଲକ ସଂଯୋଜକ ଅମୂଲ୍ୟ ମୋହନ ଷଡଙ୍ଗୀ, ସଭାପତି ରାକେଶ କୁମାର ବରାଳ, ସମ୍ପାଦକ ଅକ୍ଷୟ କୁମାର ଖଟେଇ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ବୀରଗୋବିନ୍ଦପୁର ହାଇସ୍କୁଲର ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଜୟ କୁମାର ମହାପାତ୍ର। ସେହିପରି ବଳପୁର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଭଲିବଲ ଟୁର୍ନାମେଣ୍ଟକୁ ସରପଞ୍ଚ ତ୍ରିନାଥ ମହାପାତ୍ର ଓ ସମିତି ସଭ୍ୟ କାଳୀପ୍ରସାଦ ପଣ୍ଡା ଉଦ୍‌ଘାଟନ କରିଥିଲେ।

## ସନ୍ତାନଙ୍କ ମଙ୍ଗଳ କାମନା ପାଇଁ କାଞ୍ଜିଅଁଳା ବ୍ରତ

ପୁରୀ ଅଫିସ,୩୦।୧୧:

ସନ୍ତାନ ପ୍ରାପ୍ତି ଆଶା ଏବଂ ପିଲାମାନଙ୍କ ମଙ୍ଗଳ କାମନା କରି ଶୁକ୍ରବାର ସଧବା ମହିଳାମାନେ କାଞ୍ଜିଅଁଳା ବ୍ରତ ପାଳନ କରିଛନ୍ତି। ପୁରୀର ବିଭିନ୍ନ ସାହିଗଳିରେ ମହିଳାମାନେ ଏହି ବ୍ରତରେ ଷଠିଦେବୀଙ୍କୁ ପୂଜା କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଦାଶ କୁହନ୍ତି, ସନ୍ଧ୍ୟା ସମୟରେ ଘର ଅଗଣାରେ ଏକ ଛୋଟ ଦୀପିଦାଣ୍ଡି ଥାଇ ପୋଖରୀ ଭଳି ଖୋଳାଯାଏ। ଏହା ପାଖରେ ବାଲୁଙ୍ଗା ଧାନଗଛ ଓ ସାରୁଗଛ ରଖାଯାଏ। କଦଳୀ ବାହୁଙ୍ଗାର ଗୋଟିଏ ଛୋଟ ଡଙ୍ଗା ତିଆରି କରି ସେଥିରେ ପିତାଶୁଖୁଆ ସାତଟି ଆଣି ହଳଦୀ ପାଣିରେ ଗାଧୋଇ ଦିଆଯାଏ। ହଳଦିଆ କପଡ଼ା ପିନ୍ଧାଇ ଆଖିରେ କଜଳ ଓ ସିନ୍ଦୂର ଦେଇ ସାତଖଣ୍ଡ ପୋଇଖାଡି ସହ ଡଙ୍ଗାରେ ସଜାଇ ଦିଆଯାଏ। ଏହାପରେ ଦୀପିଦାଣ୍ଡିରେ ଡଙ୍ଗାରେ ବସାଇ ଷଠିଦେବୀଙ୍କୁ ପୂଜା କରାଯାଏ। ଏହି ପୂଜାରେ ୬ଟି ଚକୁଳିପିଠା, ଭାତ, ଛଅ ପ୍ରକାର ତରକାରି, ମୂଳାଶାଗ, ପୋଇଶାଗ ତରକାରି ଓ କାଞ୍ଜି ଭୋଗ କରାଯାଇଥାଏ। ଏହି ପୂଜା ପରେ ଘରେ ସମସ୍ତେ ଏକାଠି ବସି ଖାଇଥାନ୍ତି, ଯାହା ବଳେ ତାହା ଅନ୍ୟକୁ ନ ଦେଇ ପୋତିଦେବାର ବିଧି ରହିଛି। ଏହି ପୂଜାରେ ଷଠିଦେବୀ ପ୍ରସନ୍ନ ହୋଇ ଅପୁତ୍ରିକକୁ ସନ୍ତାନ ପ୍ରାପ୍ତି କରିଥାନ୍ତି ବୋଲି ବିଶ୍ୱାସ ରହିଛି।

## ■ ମହାପ୍ରଭୁଙ୍କୁ ଦର୍ଶନ କଲେ ଅପରାଜିତା

## 'ଜନସାଧାରଣ ହେଉଛନ୍ତି ଭିଆଇପି'

ପୁରୀ ଅଫିସ/କାକଟପୁର (ଡି.ଏନ୍.ଏ. ୩୦।୧୧:

ଭାଜପାରେ ଯୋଗଦେବା ପରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ଶୁକ୍ରବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ଅପରାଜିତା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କର୍ମୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସାଧାରଣତଃ କୌଣସି ଭିଆଇପି ଆସିଲେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ଯାଇଥାନ୍ତି। ହେଲେ ଅପରାଜିତା ସାଧାରଣ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସରର ଅନ୍ୟାନ୍ୟ ମନ୍ଦିର ବୁଲି ଦର୍ଶନ କରିଥିଲେ। ଏହି ଅବସରରେ ଅପରାଜିତା ଗଣମାଧ୍ୟମକୁ କହିଥିଲେ, ଠାକୁରଙ୍କ ଆଶୀର୍ବାଦରୁ ଦୀର୍ଘ ୨୪/୨୫ ବର୍ଷ ଧରି ନିଷ୍ଠାର ସହ କାମ କରିଆସିଛି। ଆଗାମୀ ଦିନରେ ହିଁ ଜନସାଧାରଣଙ୍କ ସେବା କରିବାକୁ ଇଚ୍ଛା ରଖିଛି। ଏଥିପାଇଁ ବିଭିନ୍ନ ମନ୍ଦିରକୁ ଯାଇ ଭଗବାନଙ୍କ ଆଶୀର୍ବାଦ କାମନା କରୁଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବାରୁ ବହୁତ ଖୁସି ଲାଗୁଛି। ପରେ ଏକ ପ୍ରଶ୍ନର ଉତ୍ତରରେ ସେ ଭାଜପାର ମିଶନ ୧୨୦ ନିଶ୍ଚିତ ଭାବେ ସଫଳ ହେବ ବୋଲି କହିଛନ୍ତି। ଅପରାହ୍ନରେ କାକଟପୁରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅପରାଜିତା ହେଉଛନ୍ତି କାକଟପୁର ବ୍ଲକ ଜଗନ୍ନାଥପୁର ଗ୍ରାମର କୁଳବଧୂ। ଅପରାହ୍ନରେ ନିଜ ଶାଶୁଘରେ ପହଞ୍ଚିବାପରେ ଗ୍ରାମଦେବତୀ କୁଟାମଚଣ୍ଡୀ ଓ ନୀଳକଣ୍ଠେଶ୍ୱର ଶମ୍ଭୁଙ୍କୁ ଦର୍ଶନ କରିଥିଲେ। ପରେ ମା' ମଙ୍ଗଳାଙ୍କ ମନ୍ଦିରକୁ ଯାଇ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଲୋକଙ୍କ ସେବା କରିବା ପାଇଁ ରାଜନୀତିକୁ ଆସିଛନ୍ତି ବୋଲି କହିଥିଲେ। ଭାଜପା କାକଟପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ବାଣ ଫୁଟାଯାଇ, ବାଜା ବଜାଯାଇ ସ୍ୱାଗତ କରାଯାଇଥିଲା।


ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନକରି ଫେରୁଛନ୍ତି ଅପରାଜିତା ଷଡ଼ଙ୍ଗୀ।

## ମହିଳାଙ୍କୁ ଶ୍ୱାସରୁଦ୍ଧ କରି ମାରିଦେବା ଘଟଣାରେ ୩ ଗିରଫ

କଣାସ,୩୦।୧୧(ଡି.ଏନ୍.ଏ.):

ଡେଲାଙ୍ଗ ଥାନା ଅନ୍ତର୍ଗତ ଚନ୍ଦ୍ରକୋଟ ଗ୍ରାମର ପୁଷ୍ପଲତା ଦାଶଙ୍କୁ ଶ୍ୱାସରୁଦ୍ଧକରି ମାରିଦେବା ଘଟଣାରେ ଶୁକ୍ରବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡେଲାଙ୍ଗ ଥାନା ବାଲିଓପରର ସୁନିଲ ପାତ୍ର, କବିରାଜପୁରର ରମେଶଚନ୍ଦ୍ର ପ୍ରଧାନ ଓ ପୁଷ୍କର ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଗତ ୩୦ ଡିସେମ୍ବର ୨୦୧୭ ରାତିରେ ପୁଷ୍ପଲତା ଘରେ ଏକୁଟିଆ ଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କ ଘରୁ ଚୋରି କରିବା ପାଇଁ ପଶିଥିଲେ। ପୁଷ୍ପଲତା ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଗାଧୁଆ ଘରେ ତାଙ୍କୁ ଶ୍ୱାସରୁଦ୍ଧକରି ମାରିଦେବା ସହ ଟଙ୍କା ଓ ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ମୃତ ପୁଷ୍ପଲତାଙ୍କ ପୁଅ ଲକ୍ଷ୍ମୀଧର ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୫୩/୧୭) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଥିବା ପୋଲିସ କହିଛି।

## ବିଜେଡିରେ ସାମିଲ ହେଲେ କଂଗ୍ରେସ କର୍ମୀ


ନୂତନ କର୍ମୀମାନଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ସ୍ୱାଗତ କରୁଛନ୍ତି।

ଗୋପ, ୩୦।୧୧(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଧାୟକ ସମୀର ରଞ୍ଜନ ଦାଶ ଉପସ୍ଥିତ ରହି କର୍ମୀମାନଙ୍କୁ ଆଗାମୀ ଦିନରେ ଦଳରେ ନୀତି ଆଦର୍ଶକୁ ନେଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣ ପର୍ବରେ ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ, ପୂର୍ବତନ ସରପଞ୍ଚ ବାମଦେବ ସାହାଣୀ, ଗୋପ ବ୍ଲକ ବିଜୁ ଜନତା ଦଳ ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଆଜି ବିଶ୍ୱ ଏଡ୍ସ ଦିବସ

# ପୁରୀ ଜିଲାରେ ୧୬ ବର୍ଷରେ ୧୭୬ ମୃତ୍ୟୁ

ପୁରୀ ଅଫିସ, ୩୦।୧୧:

■ ଶ୍ରାଦ୍ଧ ହେଉଛି ଅର୍ଥ, ମିଳୁନି ସଫଳତା
■ ସଚେତନତାରେ ସୀମିତ ପ୍ରଶାସନ
■ ମାଲାମାଲ ଏନ୍‌ଜିଓ, ଦୁର୍ଦ୍ଦଶାରେ ଆକ୍ରାନ୍ତ ପରିବାର

ଡିସେମ୍ବର ୧ ବିଶ୍ୱ ଏଡ୍ସ ଦିବସ। କେବଳ ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଏଡ୍ସ ସଚେତନତା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ କ୍ରମାଗତ ଭାବେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି।

ମିଳିଥିବା ସୂଚନା ପ୍ରକାରେ, ପୁରୀ ଜିଲାରେ ଗତ ୧୬ ବର୍ଷ ମଧ୍ୟରେ ଏଡ୍‌ସରେ ୧୭୬ ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ପୁରୀ ସହର, ପୁରୀ ସଦର, ବ୍ରହ୍ମଗିରି, କଣାସ ଏବଂ ସତ୍ୟବାଦୀରେ ୧୩୦ ଜଣଙ୍କ ଜୀବନ ଯାଇଛି। ପୁରୀ ପୌରାଞ୍ଚଳରେ ସର୍ବାଧିକ ୬୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସଦରରେ ୨୪, ବ୍ରହ୍ମଗିରିରେ ୨୩, କଣାସ ବ୍ଲକରେ ୫ ଏବଂ ସତ୍ୟବାଦୀରେ ୯ଜଣଙ୍କ ମୃତ୍ୟୁ ହୋଇଛି। ଜିଲାରେ ଏଡ୍ସ ନିୟନ୍ତ୍ରଣ ପାଇଁ ୩ଟି ସଂସ୍ଥା କାର୍ଯ୍ୟରତ ଅଛନ୍ତି। ଏହି ୩ ଏନ୍‌ଜିଓକୁ କୋଟି କୋଟି ଟଙ୍କା ଦିଆଯାଉଛି। ଅଥଚ ସେ ତୁଳନାରେ କୌଣସି ଆଖିଦୃଶିଆ ଫଳ ମିଳୁନି। ଜିଲାରେ ଏଡ୍ସ ନିୟନ୍ତ୍ରଣ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ସଚେତନ ଆଳରେ ଏନ୍‌ଜିଓଗୁଡିକ ମାଲାମାଲ ହେଉଛନ୍ତି। ଅପରପକ୍ଷରେ ଏଡ୍ସ ଆକ୍ରାନ୍ତ ପରିବାରର ଆର୍ଥିକ ମାନଦଣ୍ଡରେ ସୁଧାର ଆସିବା ଲାଗି କୌଣସି ଯୋଜନା କରାଯାଉନାହିଁ। ଫଳରେ ଏହି ପରିବାରଗୁଡିକ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବୋଲି ସାମାଜିକ କର୍ମୀ ସୂର୍ଯ୍ୟ ନାରାୟଣ ପ୍ରଧାନ କହିଛନ୍ତି। ଜିଲା ଏଡ୍ସ ନିୟନ୍ତ୍ରଣ ପର୍ଯ୍ୟବେକ୍ଷକ ଦୁଃଖିରାମ ପଟ୍ଟନାୟକ କୁହନ୍ତି, ଜିଲାରେ ଏଡ୍ସ ନିୟନ୍ତ୍ରଣ ଲାଗି ବିଭିନ୍ନ ଏନ୍‌ଜିଓଙ୍କ ଜରିଆରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରତିବର୍ଷ ପୁରୀ ଜିଲାରେ ରଥଯାତ୍ରା ଏବଂ ବିଶ୍ୱ ଏଡ୍ସ ଦିବସ ଅବସରରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।